

ଟିପ୍ପଣୀ

## ଏକକ-୪ ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

**ସଂରଚନା**


୪.୦. ଉପକ୍ରମ
୪.୧. ଶିକ୍ଷଣ ଉଦ୍ଦେଶ୍ୟ
୪.୨. ଶିକ୍ଷଣ / ଶିକ୍ଷାଦାନ ପ୍ରକ୍ରିୟାର ବିଭିନ୍ନ ପନ୍ଥା
  ୪.୨.୧. ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା
  ୪.୨.୨. ଶିକ୍ଷଣ କୈନ୍ଦ୍ରିକ ପନ୍ଥା
  ୪.୨.୩. ସହଯୋଗୀ ଶିକ୍ଷଣ
  ୪.୨.୪. ସହଭାଗୀ ଶିକ୍ଷଣ
୪.୩. କାର୍ଯ୍ୟଭିତ୍ତିକ ପନ୍ଥା -
  ୪.୩.୧ ଶିକ୍ଷଣ କାର୍ଯ୍ୟ ଓ ଏହାର ଉପାଦାନ ।
  ୪.୩.୨ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶ୍ରେଣୀର ପରିଚାଳନା
  ୪.୩.୩ ଶିକ୍ଷଣର କାର୍ଯ୍ୟଭିତ୍ତିକ ପନ୍ଥାର ସୁବିଧା
  ୪.୩.୪ କାର୍ଯ୍ୟଭିତ୍ତିକ ଶିକ୍ଷଣ ଉପରେ ଆଧାରିତ କିଛି ଉତ୍ସ ଓ ବିଚାର ।
୪.୪. ସାରାଂଶ
୪.୫. ନିଜ ପ୍ରଗତି ତନଖି ପାଇଁ ଆଦର୍ଶ ଉତ୍ତରମାନ ।
୪.୬. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ
୪.୭. ପାଠାନ୍ତ ପ୍ରଶ୍ନାବଳୀ


### ୪.୦. ଉପକ୍ରମ

ପୂର୍ବରୁ ଦୁଇଟି ଅଧ୍ୟାୟରୁ ଶିକ୍ଷଣ ପ୍ରକ୍ରିୟାର ବିଭିନ୍ନ ବିଧି ଏବଂ ଉପଯୋଗୀ ପ୍ରକ୍ରିୟାକୁ ଆଲୋଚନା କରାଯାଇଅଛି । ଆପଣ ଅବଲୋକନ କରିଥିବେ ଯେ ସମସ୍ତ ଶ୍ରେଣୀକକ୍ଷ ଆଦାନପ୍ରଦାନ ପ୍ରକ୍ରିୟାରେ ଶିକ୍ଷାଦାନ ଠାରୁ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଜଣେ ଶିକ୍ଷକଙ୍କ ପରି ଆପଣଙ୍କ ପିଲାଙ୍କର ଶିକ୍ଷଣ ପ୍ରକ୍ରିୟାକୁ ସୁଗମ କରିବା ଉଚିତ୍ । ଅନ୍ୟ ଅର୍ଥରେ କହିଲେ ଶିକ୍ଷକଙ୍କ ଭଳି ଆପଣଙ୍କର ସମସ୍ତ ଉଦ୍ୟମ ଶିକ୍ଷାର୍ଥୀ ଏବଂ ଶିକ୍ଷଣ ପ୍ରକ୍ରିୟା ଉପରେ କେନ୍ଦ୍ରୀଭୂତ ହେବା ଉଚିତ୍ ।

ଶିକ୍ଷାର୍ଥୀଙ୍କ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ପାଇଁ ଏହି ଅଧ୍ୟାୟ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ଯେପରି ସହଯୋଗୀ ଏବଂ ସହଭାଗି ଶିକ୍ଷଣ ପ୍ରକ୍ରିୟା ଏହି ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ସୁଗମ ବନାଏ ତଥା ବିଦ୍ୟାର୍ଥୀକୁ ଶିଖିବା ପାଇଁ ଅଧିକ ସୁଯୋଗ ଏବଂ ସୁବିଧା ପ୍ରଦାନ କରିଥାଏ ।

ଏହାଛଡ଼ା କାର୍ଯ୍ୟଭିତ୍ତିକ ଶିକ୍ଷଣ ସମ୍ବନ୍ଧରେ ଆପଣ ଆଗରୁ ଜାଣିଥିବେ ଯାହାକି ଆପଣଙ୍କ ଜ୍ଞାନକୁ ଏହି ଶିକ୍ଷଣ ଅଧିକ ମଜବୁତ୍ କର ଏବଂ ଏହାର ଲକ୍ଷଣ ଏବଂ ସୂଚକ ଏବଂ ଶିକ୍ଷଣର ପ୍ରକୃତି ଆପଣଙ୍କ ଶ୍ରେଣୀକକ୍ଷରେ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ ।

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

ଏହି ଅଧ୍ୟାୟକୁ ଶେଷ କରିବା ପାଇଁ ଆପଣଙ୍କୁ ଅଧିକରୁ ଅଧିକ ୨୦ ଘଣ୍ଟାର ଆବଶ୍ୟକତା ଅଛି ।

ଟିପ୍ପଣୀ

### ୪.୧. ଶିକ୍ଷଣ ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ଶେଷରେ ଆପଣ ଜାଣିବାକୁ ସକ୍ଷମ ହେବେ -

- ବିଦ୍ୟାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପ୍ରକ୍ରିୟା ମଧ୍ୟରେ ଭିନ୍ନତା ।
- ସହଯୋଗି ଏବଂ ସହଭାଗୀ ପନ୍ଥାର ବର୍ଣ୍ଣନା ।
- ଶିକ୍ଷଣକାର୍ଯ୍ୟର ଉପାଦାନଗୁଡ଼ିକ ଚିହ୍ନିବା ।
- ଶ୍ରେଣୀ ଗୃହରେ ବ୍ୟବହାର ପାଇଁ ଶିକ୍ଷଣକାର୍ଯ୍ୟର ସୁବ୍ୟବସ୍ଥାନ ।
- ଶ୍ରେଣୀକକ୍ଷ ମଧ୍ୟରେ ଶିକ୍ଷଣକାର୍ଯ୍ୟ ଭିତ୍ତିକ ପନ୍ଥା ମାଧ୍ୟମରେ ଶିକ୍ଷାର କିଛି କାର୍ଯ୍ୟକ୍ରମ ଆୟୋଜନ କରିବା ।

### ୪.୨.ଶିକ୍ଷଣ ପ୍ରକ୍ରିୟା -

ଆସ ନିମ୍ନରେ ଥିବା ପରିସ୍ଥିତିକିକୁ ବିଶ୍ଳେଷଣ କରିବା :

ପରିସ୍ଥିତି-୧- ଯେତେବେଳେ **ବିନୟ** ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଯଦି କିଛି ବର୍ଣ୍ଣନା କରୁଥିଲେ ତେବେ ସେ ଭିନ୍ନ ଭିନ୍ନ ବିଷୟର ବ୍ୟାଖ୍ୟା ଓ ଉଦାହରଣ ଦେଇ କିଛି ନିର୍ଦ୍ଦିଷ୍ଟ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରୁଥିଲେ । ତାଙ୍କର ସମସ୍ତ ଚେଷ୍ଟା ଥିଲା ସମୟ ମଧ୍ୟରେ ବିଷୟକୁ ସମାପ୍ତ କରିବା । ଏଣୁ ତାଙ୍କ ପାଖରେ ବିଦ୍ୟାର୍ଥୀ ମାନଙ୍କର ରୁଚି ଓ ଆଗ୍ରହକୁ ଧ୍ୟାନ ଦେବା ପାଇଁ ବହୁତ କମ୍ ସମୟ ମିଳୁଥିଲା । ତେଣୁ ସେ କେବଳ ନିଜର ଧ୍ୟାନ ଓ ଲକ୍ଷ୍ୟ ବିଷୟରେ ଚିନ୍ତା କରୁଥିଲେ ।

ବିଦ୍ୟାର୍ଥୀ କେବଳ ନିଷ୍କ୍ରିୟତା ସ୍ୱରୂପ ଅଧ୍ୟାପକଙ୍କର ପାଠ ପଢ଼ାରେ ଭାଗ ନେଉଥିଲେ ଏବଂ କେବେ କେବେ ସେମାନଙ୍କ ମଧ୍ୟରୁ କିଛି ପ୍ରଶ୍ନ ପଚାରୁଥିଲେ ।

ବିନୟ ଶ୍ରେଣୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରୟାସ କରୁଥିଲେ । ଯାହାକି ଶାନ୍ତ ବାତାବରଣରେ ସେ ନିଜର ଶିକ୍ଷାଦାନ କାର୍ଯ୍ୟ ସଫଳ ଭାବରେ ଶେଷ କରିପାରନ୍ତେ ।

ସମୟ ଅଭାବ କାରଣରୁ ସେ ନିଜର ଶ୍ରେଣୀକକ୍ଷରେ ଥିବା ବିଦ୍ୟାର୍ଥୀ ମାନଙ୍କ ପାଇଁ ରୁଚିକର କରିବା ପାଇଁ ବହୁତ କମ୍ ଚେଷ୍ଟା କରୁଥିଲେ । ପାଠ ପଢ଼ାଇବା ଛଡ଼ା ସେ ଶିକ୍ଷାର୍ଥୀଙ୍କ ବୋଧଗମ୍ୟ ହେବା ଭଳି ୨-୩ଟି ପ୍ରଶ୍ନ ପଚାରୁଥିଲେ ।

ଆସନ୍ତୁ ତଳେ ଦିଆଯାଇଥିବା ସମସ୍ୟା /ପରିସ୍ଥିତି ଉପରେ ଆଲୋଚନା କରିବା :-

ଏହିପରି ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀକକ୍ଷରେ ଶିକ୍ଷାର୍ଥୀ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ାରେ ବହୁତ୍ କମ୍ ଆଗ୍ରହ ରଖନ୍ତି ଓ ନିଷ୍କ୍ରିୟ ରହିଥାନ୍ତି ।

**E-1-** ଗୋଟିଏ ଶୈକ୍ଷିକ କୈନ୍ଦ୍ରିକ ଶିକ୍ଷାର ୩ଟି ଲକ୍ଷଣ ବର୍ଣ୍ଣନା କର ।

ଆସନ୍ତୁ ଆଉ ଗୋଟିଏ ପରିସ୍ଥିତି ବିଷୟରେ ବର୍ଣ୍ଣନା କରିବା :-



ଟିପ୍ପଣୀ

**ପରିସ୍ଥିତି – ୧. ସମୀତା** ପ୍ରାଥମିକ ସ୍ତରର ଶ୍ରେଣୀରେ ବିଜ୍ଞାନ ବିଷୟ ପଢ଼ାନ୍ତି । ସେ :-

- ପାଠ୍ୟପୁସ୍ତକ ପଢ଼ନ୍ତି ନାହିଁ ।
- ସମ୍ପୂର୍ଣ୍ଣ ଶ୍ରେଣୀକୁ ୫-୬ ଭାଗରେ ଭାଗ କରନ୍ତି ।
- ବିଦ୍ୟାର୍ଥୀ ମାନଙ୍କୁ ଗୋଟିଏ ଲେଖାଏଁ ଛୋଟ ଗଛ ଆଣିବାକୁ କୁହନ୍ତି ଏବଂ ପ୍ରତ୍ୟେକ ଦଳକୁ ଏହାକୁନୀରିକ୍ଷଣ କରିବା ପାଇଁ କହନ୍ତି ।
- ସେମାନଙ୍କ ମଧ୍ୟରେ ଉଦ୍ଭିଦ ବିଷୟ ଆଲୋଚନା ପାଇଁ ତାକୁ ଉତ୍ସାହିତ କରନ୍ତି ।
- ଏହି ଦଳଗତ ଆଲୋଚନାକୁ ସେ ଉତ୍ସାହିତ କରିବା ସହିତ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଆଲୋଚନାକୁନିଶ୍ଚିତ କରାନ୍ତି ।
- ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ତାଙ୍କର ଅନୁଭବର ଉପଯୋଗ କରାଇବା ଏବଂ ଅନ୍ୱେଷଣ ମନୋଭାବରଉପଯୋଗ କରିବା ପାଇଁ ଅବସର ସୁଯୋଗ ଦେଇଥାନ୍ତି ।
- ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ତାଙ୍କର ଖାତାରେ ଏକ ଉଦ୍ଭିଦର ଚିତ୍ର ତିଆରି କରି ଚିହ୍ନିତ କରିବା ପାଇଁକହନ୍ତି ।
- ପ୍ରତ୍ୟକ ବିଦ୍ୟାର୍ଥୀ ମାନଙ୍କୁ ନିଜର କାର୍ଯ୍ୟକୁ ଅନ୍ୟମାନଙ୍କ ସହିତ ବାଣ୍ଟିବା ଏବଂ ନିଜ ମଧ୍ୟରେଆଲୋଚନା କରିବା ପାଇଁ ଉତ୍ସାହିତ କରନ୍ତି ଓ ପିଲାଙ୍କୁ ତାଙ୍କ କାମ ପାଇଁ ପ୍ରଶଂସା କରନ୍ତି ।

ଏହି ପରିସ୍ଥିତିରେ ସମୀତା ଜଣେ ଗତାନୁଗତିକ ଶିକ୍ଷକ ନ ହୋଇ ଜଣେ ମେଳାପି, ସହଜ, ସୁଗମ ରୂପରେ ବିଦ୍ୟାର୍ଥୀମାନଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାରର ଭୂମିକା ପ୍ରଦର୍ଶନ କରୁଛନ୍ତି ।

**E-2- ନିମ୍ନରେ କିଛି ତଥ୍ୟ ଦିଆଯାଇଛି । ସେଗୁଡିକ ମଧ୍ୟରେ ଯେଉଁଗୁଡ଼ିକରେ ବିଦ୍ୟାର୍ଥୀମାନଙ୍କ ଆବଶ୍ୟକତାକୁ ଅଧିକ ମହତ୍ତ୍ୱ ଦିଆଯାଇଛି, ସେଠି (√) ଠିକ୍ ଚିହ୍ନ ଦିଅ ।**

(କ) ଶିକ୍ଷକ ଇଂରାଜୀ ଶବ୍ଦକୋଷ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ କଠିନ ଶବ୍ଦର ଅର୍ଥ ବୁଝାନ୍ତି ।

(ଖ) ବିଦ୍ୟାର୍ଥୀ ନିଜର ଦୁର୍ବଳତା ସମାଧାନ ପାଇଁ ଶିକ୍ଷକଙ୍କୁ ପ୍ରଶ୍ନ କରନ୍ତି ।

(ଗ) ଶିକ୍ଷକ ପ୍ରତ୍ୟକ ବିଦ୍ୟାର୍ଥୀଙ୍କୁ ନିଜ ପାଖକୁ ଡ଼ାକି କାନ୍ଥରେ ଟଙ୍ଗା ଯାଇଥିବା ମାନଚିତ୍ରରେ ବିଭିନ୍ନ ସ୍ଥାନର ଚିହ୍ନିତ କରାନ୍ତି ।

(ଘ) ଶିକ୍ଷକ ପ୍ରୟୋଗଶାଳାରେ ଏକ ପରୀକ୍ଷା କରନ୍ତି ଏବଂ ବିଦ୍ୟାର୍ଥୀମାନଙ୍କୁ ଦେଖିବା ପାଇଁ କହନ୍ତି ।

(ଙ) ବିଦ୍ୟାର୍ଥୀ ମାନଙ୍କୁ କିଛି ସମୟ ଶ୍ରେଣୀକକ୍ଷରୁ ବାହାରକୁ ଯାଇ ପ୍ରକୃତିକୁ ଅନୁଭବ କରିବା ପାଇଁ କହନ୍ତି ଏବଂ ନିଜ ନିଜ ଭାଷାରେ ମଧ୍ୟ ୩ଟି ବର୍ଣ୍ଣନନୀୟ ଜିନିଷକୁ ବର୍ଣ୍ଣନା କରିବା ପାଇଁ କହନ୍ତି ।

## ୪.୨.୧. ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣ

ବିଦ୍ୟାର୍ଥୀ ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣରେ ମୁଖ୍ୟ ହୋଇଥାଏ । ଶିକ୍ଷକ ଶିକ୍ଷଣ ପ୍ରକ୍ରିୟା କାର୍ଯ୍ୟକୁ ସହଜ ଓ ସୁଗମ କରିଥାନ୍ତି ଏବଂ ଶିକ୍ଷଣ ପରିସ୍ଥିତି ଏପରି ସୃଷ୍ଟି କରିଥାନ୍ତି ଯାହାକି ବିଦ୍ୟାର୍ଥୀ ମାନଙ୍କର ଚିନ୍ତା ଓ ଚେତନା ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ । ସମସ୍ୟା ସମାଧାନ କୌଶଳର ବିକାଶ ହୋଇଥାଏ । ଏହି ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀ ନିଜର ପରିବେଶରେ କାର୍ଯ୍ୟ ମାଧ୍ୟମରେ ଅଭିଜ୍ଞତା ହାସଲ କରିଥାଏ । (ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ରାଷ୍ଟ୍ରୀୟ ପାଠ୍ୟକ୍ରମ ଏକ ରୂପରେଖ : ୧୯୮୭ ପୃଷ୍ଠା-୬) ।

ଟିପ୍ପଣୀ

ଯେପରି ଆପଣ ଜାଣିଛନ୍ତି ଯେ ଜଣେ ବିଦ୍ୟାର୍ଥୀ ନିଜ ସହିତ ନିଜର ପୂର୍ବ ଅନୁଭବ ଓ ଜ୍ଞାନ ନେଇ ବିଦ୍ୟାଳୟକୁ ଆସିଥାଏ ଓ ଏହା ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ।

**ଶିକ୍ଷାର୍ଥୀ** – କୈନ୍ଦ୍ରିକ ଶିକ୍ଷଣରେ ଶିକ୍ଷାର୍ଥୀର ଆବଶ୍ୟକତା, ଆଗ୍ରହ, ଚିନ୍ତା କଳ୍ପନା, ବିଚାର, ସାମର୍ଥ୍ୟ ଓ ସାମାଜିକ ପରିସ୍ଥିତି ଆଦି ଉପରେ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରିତ ହୋଇଥାଏ ଏବଂ ଅଧିକରୁ ଅଧିକ ଧ୍ୟାନ ଦିଆଯାଇଥାଏ ।

ଜଣେ ଶିକ୍ଷକଙ୍କ ପାଇଁ ବିଦ୍ୟାର୍ଥୀ-କୈନ୍ଦ୍ରିକ ଶିକ୍ଷଣକୁ କ୍ରିୟାଶୀଳ କରିବା ପାଇଁ ବିଦ୍ୟାର୍ଥୀମାନଙ୍କର ମନୋଭାବକୁ ବୁଝି ଶିକ୍ଷାଦାନ କରିବା ଉଚିତ୍ । ଏବଂ ତତ୍‌ସହିତ ନିଜ ଶ୍ରେଣୀକକ୍ଷର ସମସ୍ତ ବିଦ୍ୟାର୍ଥୀ ମାନଙ୍କର ବିଶେଷ ଗୁଣ / କ୍ଷମତାକୁ ଚିହ୍ନି ତାହାର ସବିଶେଷ ଧ୍ୟାନ ରଖିବା ଉଚିତ୍ ।

**ବିଦ୍ୟାର୍ଥୀ ମାନଙ୍କୁ ବୁଝିବା :-** ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାକୁ ବିସ୍ତୃତ ଭାବରେ କାର୍ଯ୍ୟକ୍ଷମ କରିବାକୁ ହେଲେ ଆପଣ ନିଜର ଶ୍ରେଣୀର ସମସ୍ତ ବିଦ୍ୟାର୍ଥୀ ମାନଙ୍କର ବିଭିନ୍ନ ଉସ, ଧାରାକୁ ବୁଝିବା ଉଚିତ୍ ।

| | |
|---|---|
| (କ) ସ୍ୱାସ୍ଥ୍ୟ ଓ ଶାରୀରିକ ବିକାଶ | (ଖ) ମାନସିକ ଦକ୍ଷତା / ବୌଦ୍ଧିକ ସାମର୍ଥ୍ୟ |
| (ଗ) ବ୍ୟକ୍ତିତ୍ୱ | (ଘ) ଶିକ୍ଷଣର ଉପାୟ |
| (ଙ) ପ୍ରେରଣା | (ଚ) ଘର ଏବଂ ସାଂସ୍କୃତିକ ଭିତ୍ତିଭୂମି |

**(କ) ସ୍ୱାସ୍ଥ୍ୟ ଓ ଶାରୀରିକ ବିକାଶ :-** ଶିଶୁର ଶାରିରୀକ ବୃଦ୍ଧି ମାନସିକ ବିକାଶର ବିଭିନ୍ନ ପର୍ଯ୍ୟାୟ ଉପରେ ତାର ଶିଖିବା ସାମର୍ଥ୍ୟ ନିର୍ଭର କରେ । ଶିଶୁର ବୟସ ଅନୁଯାୟୀ ତାର ଶାରିରୀକ ବୃଦ୍ଧି ନ ହେଲେ ତାର ଶିକ୍ଷଣ ବାଧାପ୍ରାପ୍ତ ହୋଇଥାଏ । ତେଣୁ ପିଲାମାନଙ୍କର ଶିକ୍ଷଣ ଅଭିଜ୍ଞତା ସ୍ଥିର କଲାବେଳେ ତାର ସ୍ୱାସ୍ଥ୍ୟର ବୃଦ୍ଧି ଓ ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ।

**(ଖ) ବୌଦ୍ଧିକ ସାମର୍ଥ୍ୟ :-** ଶିକ୍ଷଣ ପ୍ରତ୍ୟକ ପିଲାର ନିର୍ଦ୍ଦିଷ୍ଟ ଆବଶ୍ୟକତା ଜାଣିବା ପାଇଁ ତାର ନିର୍ଦ୍ଦିଷ୍ଟ ବୌଦ୍ଧିକ / ସାମର୍ଥ୍ୟ ଜାଣିବା ଆବଶ୍ୟକ । ଏଗୁଡ଼ିକ ଜାଣିଲେ ଶିକ୍ଷକ ପିଲାମାନଙ୍କ ଶିଖିବା ପାଇଁ ଉପଯୁକ୍ତ ଶୈକ୍ଷିକ ଯୋଜନା କରିପାରିବେ । ନିମ୍ନରେ ଗାର୍ଡ଼ନର (୧୯୮୫) ବର୍ଣ୍ଣନା କରିଥିବା ଶିକ୍ଷାର୍ଥୀର ୭ ପ୍ରକାର ମାନସିକ (ବୌଦ୍ଧିକ) ସାମର୍ଥ୍ୟକୁ ଆଲୋଚନା କରାଯାଇଅଛି ।

**ଭାଷାଗତ ସାମର୍ଥ୍ୟ (Linguistic) :-** ଏହା ବ୍ୟକ୍ତିକୁ ଭାବ ବିନିମୟ କରିବାରେ ସମର୍ଥ କରାଏ ଓ ଭାଷା ମାଧ୍ୟମରେ ବାହ୍ୟଦୁନିଆ ସହ ଯୋଗାଯୋଗ ସାହାଯ୍ୟ କରେ ।

- **ଗାଣିତିକ ଯୁକ୍ତି(Logical Mathmatics) : -**
  ଶିକ୍ଷାର୍ଥୀକୁ ଅମୂର୍ତ୍ତ ଗାଣିତିକ ସମ୍ପର୍କ ବ୍ୟବହାର କରିବାରେ ସାହାଯ୍ୟ କରିଥାଏ ।
- **ସ୍ଥାନ ସମ୍ବନ୍ଧୀୟ ଓ ଚିତ୍ର ସମ୍ବନ୍ଧୀୟ ସାମର୍ଥ୍ୟ (Visual Spatial) :-**
  ସ୍ଥାନ ସମ୍ବନ୍ଧୀୟ ତଥ୍ୟର ବ୍ୟବହାର କରିବା ପାଇଁ ଶିକ୍ଷାର୍ଥୀକୁ ସମର୍ଥ କରାଏ ।
- **ଶାରିରୀକ ମାଂସପେଶୀ ସମ୍ବନ୍ଧୀୟ ସାମର୍ଥ୍ୟ** (Bodily kinesthetic) :-
  ଉଚ୍ଚ ସ୍ତରର ଶାରିରିକ ଚଳପ୍ରଚଳ, ଭାବଭଙ୍ଗୀ ଇତ୍ୟାଦିର ବ୍ୟବହାର କରିବାର ଶିକ୍ଷାର୍ଥୀକୁ ସମର୍ଥ କରାଏ ।
- **ସଙ୍ଗୀତ ସମ୍ବନ୍ଧୀୟ ସାମର୍ଥ୍ୟ** (Musical) :- ଶବ୍ଦକୁ ଶୁଣି ଏହାର ଅର୍ଥକୁ ବୁଝି ଯୋଗାଯୋଗ କରିବା ପାଇଁ ଶିକ୍ଷାର୍ଥୀକୁ ସମର୍ଥ କରାଏ ।



ଟିପ୍ପଣୀ

- **ନିଜ ସମ୍ପର୍କରେ ସଚେତନ** (Intra Personal) :-
  ଶିକ୍ଷାର୍ଥୀକୁ ନିଜ ସମ୍ପର୍କରେ ଜାଣିବାରେ ସମର୍ଥ କରାଏ ।
- **ଅନ୍ୟମାନଙ୍କ ସମ୍ପର୍କରେ ସଚେତନ** (Inter-Personal) :-
  ଅନ୍ୟ ସହିତ ନିଜର ସମ୍ପର୍କକୁ ବୁଝିବାରେ ସମର୍ଥ କରାଏ ।

ଶିକ୍ଷାର୍ଥୀ ମାନଙ୍କ ପାଇଁ ଶୈକ୍ଷିକ ଅଭିଜ୍ଞତା ଆହରଣ ପାଇଁ ଯୋଜନା ପ୍ରସ୍ତୁତ କଲାବେଳେ ଗାର୍ଡ଼ନରଙ୍କ ବ୍ୟକ୍ତିର ମାନସିକ ସାମର୍ଥ୍ୟକୁ ବିଚାର କରିବାକୁ ହେବ । ଏଥିପାଇଁ ଭିନ୍ନ ଭିନ୍ନ ଶିକ୍ଷଣ ଉପାୟ ଅବଲମ୍ବନ କରି ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ ପ୍ରକ୍ରିୟା ଏବଂ ସେମାନଙ୍କର ଅର୍ନ୍ତନିହିତ ଶକ୍ତି । ଉତ୍ସକୁ ବୃଦ୍ଧି କରିବାକୁ ହେବ । ନିମ୍ନଲିଖିତ ପରିସ୍ଥିତି ଉପରେ ଆଲୋଚନା କରିବା :-

**ପରିସ୍ଥିତି - ୩-** ଯେତେବେଳେ **ଗୁଟି** ୨ ବର୍ଷର ହୋଇଥିଲା ସେତେବେଳେ ସେ ସମସ୍ତ ଗୁଡ଼ୀକୁ ପକ୍ଷୀପରି କରୁଥିଲା । ଗୁଡ଼ୀ ବିଷୟରେ ତାର ସମ୍ପୂର୍ଣ୍ଣ ବୁଝିବା ମୁଖ୍ୟତଃ:- ତାର ପୂର୍ବ ଜ୍ଞାନ "ଗୋଟିଏ ଛୋଟ ଜିନିଷଯାହା ଆକାଶରେ ଉଡୁଛି" ବୋଲି ଜାଣିଥିଲା । ଧିରେ ଧିରେ ସେ ଜାଣିଲା ଯେ ଗୁଡ଼ୀର ଆକାର ପକ୍ଷୀରଆକାର ଠାରୁ ଅଧିକ ଥିଲା । ଗୋଟିଏ ଗୁଡ଼ୀ ପକ୍ଷୀଭଳି ନ ଉଡ଼ି ଅଲଗା ଅଲଗା ରୂପରେ ଉଡୁଛି ।ଯେତେବେଳେ ଗୁଡ଼ୀ ଉଡୁଛି ସେତେବେଳେ କିଛି ଶବ୍ଦ ଶୁଭୁଛି ଏବଂ ଗୋଟିଏ ଦଉଡ଼ୀ ସୂତା ଏହା ଦେହରେବନ୍ଧା ଯାଇଛି ବୋଧହୁଏ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ।

ତାର ବୁଝିବା ଏବଂ ଅବବୋଧନ ଯାହାକି କେବଳ ("ଛୋଟ ଜିନିଷ ଯାହା ଉଡ଼େ") ଥିଲା ବର୍ତ୍ତମାନଏହା ପରେ  କିଛି ନୂଆ ବିଶେଷତ୍ୱ ଯୋଡ଼ି ହୋଇଗଲା ଯାହା ଦ୍ୱାରା ସେ ଏବେ ପକ୍ଷୀ ଏବଂ ଗୁଡ଼ୀ ମଧ୍ୟରେଭିନ୍ନତା ଅନୁଭବ କଲା । ଏହି ପରିବର୍ତ୍ତନ ସହିତ ତାର "କ୍ଷୁଦ୍ର ବସ୍ତୁ ଯାହା ଉଡ଼େ"ର ବୁଝିବାରେ ଏବେ ୨ଟିବସ୍ତୁ ପକ୍ଷୀ ଏବଂ ଗୁଡ଼ୀ ସାମିଲ୍ ଅଟେ । ସଂକ୍ଷେପରେ କହିବାକୁ ଗଲେ ତାର ପୂର୍ବଜ୍ଞାନ ଏବଂ ବର୍ତ୍ତମାନରବୁଝିବାରେ ନୂଆ କିଛି ଯୋଡ଼ି ହୋଇ ତାର ଚିନ୍ତାଧାରା ପରିବର୍ତ୍ତନ ହୋଇଛି ।

**ଗୁଟି** ଏବେ ଆଠ ବର୍ଷ (୮) ର ହୋଇଯାଇଛି ଏବଂ ଆପଣ କଳ୍ପନା କରିପାରୁଛନ୍ତି କି ତାର ଛୋଟବସ୍ତୁକୁ ବୁଝିବାରେ ବହୁତ ଇଛା ଉତ୍ପନ୍ନ ହୋଇଯାଇଛି । ସେ ଏବେ ବିଭିନ୍ନ ପ୍ରକାରର ଉଡ଼ାଜାହାଜ, ଆକାଶଛତା, ରକେଟ୍ ଉପଗ୍ରହ, ଅନ୍ୟଗ୍ରହ ବିଷୟରେ ଜାଣିଲାଣି । ସେ ଏବେ ଜାଣିଲାଣି ଯେ ଏପରି ବି କିଛି ପକ୍ଷୀଅଛନ୍ତି ଯେଉଁମାନେ କି ଉଡ଼ନ୍ତି ନାହିଁ ।

**କ୍ରିୟାକଳାପ - ୧**

ଉପରୋକ୍ତ ପରିସ୍ଥିତି କି ଅନୁଧ୍ୟାନ କରି ଏବଂ ଧ୍ୟାନରେ ରଖି ବୁଝିବା ଏବଂ ବୌଦ୍ଧିକତାସ୍ୱରୂପ ସମସ୍ତ ଅଂଶବିଶେଷର ଚିତ୍ରଣ କରିବାର ଚେଷ୍ଟା କର । ଆପଣ ବହୁତ ବଡ଼ ଚାର୍ଟ ପେପର ଏବଂ ରଙ୍ଗ ପେନ୍‌ସିଲର ସାହାଯ୍ୟରେ ଚିତ୍ରଣ କରିପାରିବେ ।

(ଗ) ବ୍ୟକ୍ତିତ୍ୱ :- ଶିକ୍ଷକ ପ୍ରତ୍ୟକ ଶିକ୍ଷାର୍ଥୀଙ୍କର ବ୍ୟକ୍ତିତ୍ୱ ବିଷୟରେ ଜାଣିବା ଆବଶ୍ୟକ । ଏହାଦ୍ୱାରା  ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପାର୍ଥକ୍ୟକୁ ଜାଣି ପ୍ରତ୍ୟକଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିପାରିବେ ।

ଟିପ୍ପଣୀ

(ଘ) ଶିକ୍ଷଣ ଶୈଳୀ :- ସମସ୍ତ ବ୍ୟକ୍ତିଙ୍କର ଶିଖିବାର ଗୋଟିଏ ନିର୍ଦ୍ଦିଷ୍ଟଶୈଳୀ ଥାଏ । ଶିକ୍ଷାର୍ଥୀ ମାନଙ୍କର ଶିଖିବାର କୌଶଳ ଭିନ୍ନ ଭିନ୍ନ ହୋଇପାରେ । ଏହା ମଧ୍ୟ ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତା ଉପରେ ନିର୍ଭର କରିଥାଏ । ଶିକ୍ଷଣଶୈଳୀର ଭିନ୍ନ ଭିନ୍ନ ରୂପ ଅଛି । ଏମାନଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମଡ଼େଲ୍ ହେଲା David Kolb ଙ୍କର ଅଭିଜ୍ଞତା ମଡ଼େଲ୍ । ଏହା ଏକ ଗ୍ରହଣୀୟ ମଡ଼େଲ୍ ।

David Kolb (ଡ଼େଭିଡ଼୍ କୋଲ୍‌ବ)ଙ୍କ ଅଭିଜ୍ଞତା ଭିତ୍ତିକ ମଡ଼େଲ୍ ମୁଖ୍ୟତଃ ଚାରି ପ୍ରକାର ଶୈକ୍ଷଣ ଶୈଳୀ ଉପରେ ଆଧାରିତ । ସେଗୁଡ଼ିକ ହେଲା - ମୂର୍ତ୍ତ ଅଭିଜ୍ଞତା, (Concrete experiences ବା - CE) ଏବଂ ଅମୂର୍ତ୍ତ ଧାରଣା ହାସଲ କରିବା (Abstract Conceptualization ବା AC) , ସେହିପରି ଅନ୍ୟ ଦୁଇଟି ପନ୍ଥା ହେଲା ପ୍ରତିଫଳିତ ପର୍ଯ୍ୟବେକ୍ଷଣ (Reflective Observation ବା RO), ଓ ସକ୍ରିୟ ପରୀକ୍ଷଣ (Active Experimentation ବା AE)

**ଅଭିସାରୀ (ବିବଧତା) ଦୃଶ୍ୟ ଏବଂ ଅନୁଭବ କରିବା**

**(Diverging & feeling and Watching) : CE/RO : :-**

ବିଭିନ୍ନ ପ୍ରକାର ଶିକ୍ଷଣଶୈଳୀରେ ଶିଖିବା ଦ୍ୱାରା ଶିକ୍ଷାର୍ଥୀ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ବସ୍ତୁଗୁଡ଼ିକୁ ଭିନ୍ନ ଭିନ୍ନ ଉତ୍ସ ଦ୍ୱାରା ଜାଣିବାର ଯୋଗ୍ୟ ହୋଇଥାନ୍ତି । ଏପରି କରିବା ଅପେକ୍ଷା ଦୃଶ୍ୟ ଶକ୍ତିର ଉପଯୋଗ ଅଧିକ କରନ୍ତି ଏବଂ ସୂଚନା ଏକତ୍ରିତ କରି କଳ୍ପନା ଶକ୍ତିକୁ ଉପଯୋଗ କରି ସମସ୍ୟା ସମାଧାନ କରନ୍ତି । ଏପରି ଶିକ୍ଷାର୍ଥୀମାନେ କାର୍ଯ୍ୟ କରିବା ପାଇଁ ନିର୍ବାଚନ କରନ୍ତି ଓ ଖୋଲା ମସ୍ତିଷ୍କରେ କଥା ଶ୍ରବଣ କରି ବ୍ୟକ୍ତିଗତ ପ୍ରତିଷ୍ଠା ଲାଭ କରନ୍ତି ।

**ବୋଧଗମ୍ୟ(ଆତ୍ମସାତକରଣ) (ଦୃଶ୍ୟ ଓ ଚିନ୍ତନ କରିବା** )(Assimilating) (Watching and Thinking- AC/RO) :-

ଯେଉଁ ଶିକ୍ଷାର୍ଥୀ ଜ୍ଞାନ ଆତ୍ମସାତ କରିବାର କୌଶଳ ଶିଖନ୍ତି ସେମାନେ ବ୍ୟକ୍ତିମାନଙ୍କ ଉପରେ ଅଧିକ ଧ୍ୟାନ ଦେଇନଥାନ୍ତି ତଥା ବିଚାର ଏବଂ ଅମୂର୍ତ୍ତ ଅବଧାରଣାରେ ଅଧିକ ଆଗ୍ରହ ଦେଖାନ୍ତି । ବ୍ୟବହାରିକ ମୂଲ୍ୟବୋଧ ଉପରେ ଆଧାରିତ ଶିକ୍ଷଣ ଅପେକ୍ଷା ତାର୍କିକ / ଯୁକ୍ତିଗତ ସିଦ୍ଧାନ୍ତର ଶିକ୍ଷଣ ଉପରେ ଅଧିକ ଆକର୍ଷିତ ହୋଇଥାନ୍ତି । ସେମାନେ ପଢ଼ିବା, ବ୍ୟାଖ୍ୟା କରିବା, ଅନ୍ୱେଷଣ କରିବା, ବିଶ୍ଳେଷଣାତ୍ମକତାକୁ ଅଧିକ ପସନ୍ଦ କରନ୍ତି ତଥା ସେମାନଙ୍କ ମଧ୍ୟରେ ଗଭୀର ବିଚାର କରିବାର ଶକ୍ତି ଥାଏ ।

**ଏକାଭିମୁଖତା / ଏକକେନ୍ଦ୍ରାଭିମୁଖତା (ଚିନ୍ତା ଏବଂ ବିଚାର କରିବା )**

Converging (Doing and Thinking- AC/AE) :-

ଏପରି ଶିକ୍ଷାର୍ଥୀମାନେ ଏକକେନ୍ଦ୍ରିଭିମୁଖତା ମାଧ୍ୟମରେ ଶିଖନ୍ତି ସେମାନେ ସମସ୍ୟାର ସମାଧାନ କରିପାରନ୍ତି ତଥା ନିଜର ଅର୍ଜିତ ଜ୍ଞାନର ଉପଯୋଗ କରି ବ୍ୟବହାରିକ କୌଶଳ ମାଧ୍ୟମରେ ସମାଧାନ ବାହାର କରନ୍ତି । ସେମାନେ ବ୍ୟବହାରିକ ଜ୍ଞାନରେ ରୁଚି ରଖନ୍ତି ତଥା ବ୍ୟକ୍ତି ଏବଂ ଅର୍ନ୍ତବ୍ୟକ୍ତିତ୍ୱ ସୂଚକ କାମ ଉପରେ ଧ୍ୟାନ ଦିଅନ୍ତି ।

**ସାମଞ୍ଜସ୍ୟକରଣ(କରିବା ଏବଂ ଅନୁଭବ କରିବା)**

Accommodating (Doing and Feeling: CE/AE) :-

ସାମଞ୍ଜସ୍ୟ ଶିକ୍ଷଣ କୌଶଳରେ ଶିଖିବାରେ ଆଗ୍ରହ ରଖିଥିବା ଶିକ୍ଷାର୍ଥୀ ତର୍କ ଅପେକ୍ଷା ନିଜସ୍ୱ ଅନୁଭବକୁ ଉପଯୋଗ ଉପରେ ବେଶୀ ନିର୍ଭର କରନ୍ତି । ସେମାନେ ଅନ୍ୟକୁ ବିଶ୍ଳେଷଣ କରି ଉପଯୋଗ କରନ୍ତି ତଥା ବ୍ୟବହାରିକ, ଅନୁଭୂତିମୂଳକ ଶିକ୍ଷଣକୁ ପସନ୍ଦ କରନ୍ତି । ସେମାନେ ନୂଆ ନୂଆ ପରୀକ୍ଷାର ସମ୍ମୁଖୀନ ହୋଇ ନିଜ ଯୋଜନା ଅନୁସାରେ କାର୍ଯ୍ୟ କରନ୍ତି । କାର୍ଯ୍ୟ ହାସଲ ପାଇଁ ସମୂହରେ ମିଶିଥାନ୍ତି । ଲକ୍ଷ୍ୟ ପୂରଣ କରିବାର ଲକ୍ଷ ରଖିଥାନ୍ତି ।

ଶିକ୍ଷଣ କୌଶଳ, ଶିକ୍ଷଣ ସ୍ଥିତି, ଅନୁଭବ ଏବଂ ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇଥାନ୍ତି ତଥା ସେମାନେ ଶିକ୍ଷାର୍ଥୀର ବ୍ୟକ୍ତିତ୍ୱ ଓ ସଂଜ୍ଞାନାତ୍ମକ ବ୍ୟବହାର ମଧ୍ୟରେ ଏକ ସମ୍ପର୍କ ରହିଥିବାର ଦେଖାଯାଏ ।

**E - 3** -ଶିକ୍ଷାର୍ଥୀ-କୈନ୍ଦ୍ରୀକ ଶିକ୍ଷଣରେ ଶିକ୍ଷାର୍ଥୀକୁ ବୁଝିବା ପାଇଁ କେଉଁ ମହତ୍ତ୍ୱପୂର୍ଣ୍ଣ ବୁଝିବା ଶକ୍ତିର ବିଗର ହୋଇଥାଏ ? ସେମାନଙ୍କ ମଧ୍ୟରୁ ଦୁଇଟି (୨)ଟି ଉଦାହରଣ ଦିଅନ୍ତୁ ।

**E - 4** -ବହୁମୁଖୀ ଏବଂ ଏକକେନ୍ଦ୍ରାଭିମୁଖୀ ଶିକ୍ଷଣ କୌଶଳ ମଧ୍ୟରେ ଦୁଇଟି ପାର୍ଥକ୍ୟ ଦର୍ଶାଅ ?

**(ଙ) ଅଭିପ୍ରେରଣା (Motivation) : -**

ପିଲାମାନେ ଆଗ୍ରହୀ ଥିବା କାର୍ଯ୍ୟ ମାଧ୍ୟମରେ ଯଦି ପିଲାମାନଙ୍କୁ ଶିଖାଯାଏ, ସେମାନେ ଖୁସି ମନରେ ଏଥିରେ ଅଂଶ ଗ୍ରହଣ କରି ଅନେକ ନୂଆ ନୂଆ କଥା ଶିଖିପାରିବେ । ଅନ୍ୟ ପକ୍ଷରେ ଶିକ୍ଷକ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟଟି ଯଦି ଶିକ୍ଷାର୍ଥୀ ପାଇଁ ଅନୁପଯୁକ୍ତ ହୁଏ, ସେ କାର୍ଯ୍ୟ ସମ୍ପାଦାନ କରିବା ପାଇଁ ଆଦୌ ଆଗ୍ରହୀ ହୋଇ ନଥାଏ ବା ଖୁବ୍ କମ୍ ଆଗ୍ରହୀ ହୋଇଥାଏ ଓ କେତେକ କ୍ଷେତ୍ରରେ ମଧ୍ୟ ବାଧବାଧକତାରେ କାର୍ଯ୍ୟ କରିବା ଦ୍ୱାରା ବିଶେଷ କିଛି ଶିଖିପାରେ ନାହିଁ । ତେଣୁ ଶିକ୍ଷକ ପ୍ରତ୍ୟକ ଶିକ୍ଷାର୍ଥୀର ଦକ୍ଷତା, ଆଗ୍ରହ, ସାମର୍ଥ୍ୟ ଓ ଧାରଣା । କ୍ଷମତାକୁ ଜାଣି ତଦନୁଯାୟୀ ଆବଶ୍ୟକ ଶିକ୍ଷଣ ଅଭିଜ୍ଞତା ହାସଲ ଯୋଜନା କରିବା ଉଚିତ୍ ।

**(ଚ) ଘର ଏବଂ ସାଂସ୍କୃତିକ ପୃଷ୍ଠଭୂମି (Home and Cultural Background) :-**

ପରିବାର, ଗୃହ ପରିବେଶ, ବିଦ୍ୟାଳୟ, ସମାଜର ସଂସ୍କୃତି, ପରମ୍ପରା, ଚଳଣି ତଥା ସାମାଜିକ ପରିବେଶ ଶିକ୍ଷାର୍ଥୀର ଶିକ୍ଷଣକୁ ବହୁଭାବେ ପ୍ରଭାବିତ କରେ ।

**ସାଂସ୍କୃତିକ ଅନୁଭବ** -ଯେଉଁ ସାମାଜିକ ପରିବେଶରେ ଶିକ୍ଷାର୍ଥୀ ରହିଥାଏ ସେଥିରୁ ଶିକ୍ଷାର୍ଥୀର ପୂର୍ବଲବ୍ଧଜ୍ଞାନ ବିଶେଷ ଭାବରେ ସଂସ୍କୃତି, ଜ୍ଞାନ, ମୂଲ୍ୟବୋଧ ଏବଂ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥାଏ । । ସେହି ନୂଆ ଚିନ୍ତାଧାରାକୁ ବୁଝିବା ପାଇଁ ଏହି ଅନୁଭବ ଶିକ୍ଷାର୍ଥୀ ନୂଆ ଶିକ୍ଷଣ କୌଶଳକୁ ପ୍ରଭାବିତ କରିଥାଏ ।

**ଭାଷା** :-ଚେତନ ଶକ୍ତି ଓ ଶିଖିବାର ମାଧ୍ୟମ ଭାଷା ଅଟେ । ଭାଷା ସାଂସ୍କୃତିକ ଉପକରଣକୁ ସାମିଲ୍ କରେ ଯାହାଦ୍ୱାରା ନୂଆ ନୂଆ ଅନୁଭବର ବାଖ୍ୟା ଏବଂ ମଧ୍ୟସ୍ଥ ଦ୍ୱାରା ହୋଇଥାଏ । ଯେତେବେଳେ ଶିକ୍ଷାର୍ଥୀ ସମାଜ ନିଜ ମଧ୍ୟରେ କାର୍ଯ୍ୟ କରନ୍ତି ଭାଷା ଏକ ସାଂସ୍କୃତିକ ଉପକରଣ ରୂପରେ ନୂତନ ଶିକ୍ଷଣକୁ ପ୍ରଭାବିତ କରିଥାଏ ।

ଟିପ୍ପଣୀ

**ଶିକ୍ଷଣ ଅଭିବୃତ୍ତି :-**ଶିକ୍ଷଣ ଅଭିବୃତ୍ତି ବାତାବରଣ ବା ପରିବେଶ ସହପାଠୀମାନଙ୍କ ସହିତ କଥାବାର୍ତ୍ତା ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ଦେଖାଯାଇଛି ଯେ ଯେତେବେଳେ ଶିଶୁ କୌଣସି କାର୍ଯ୍ୟକଳାପର ଉଦ୍ଦେଶ୍ୟକୁ ବୁଝିଥାଏ, ତେଣୁ ସେ ସେଥିରେ ସକ୍ରିୟ ରୂପରେ ଭାଗ ନେଇଥାଏ ଏବଂ କାର୍ଯ୍ୟକଳାପର ନିୟମକାନୁନ୍ ବିଷୟରେ ବୁଝାଇବା ଆରମ୍ଭ କରିଦେଇଥାଏ । ଏହାଦ୍ୱାରା ତାକୁ କାର୍ଯ୍ୟକଳାପର ସମୂହ ବୌଦ୍ଧିକଜ୍ଞାନକୁ ଶିଖିବାରେ ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ **ସକିଲ୍** ପାଇଁ ଲାଭ, କ୍ଷତି ଏବଂ ସମ୍ବାଦ ପତ୍ରର ମୂଲ୍ୟ ଜାଣିବା କେବଳ ପାଠ୍ୟପୁସ୍ତକ ବିଷୟରେ ଜାଣିବା ନୁହେଁ । କିନ୍ତୁ ସମ୍ବାଦକ୍ରେତା ଠାରୁ ସମ୍ବାଦ ପତ୍ର ଖରୀଦ କରି ଅଧିକରୁ ଅଧିକ ସମ୍ବାଦପତ୍ର ବିକ୍ରି କରିବାର ଚେଷ୍ଟା କରିଥାଏ । କାରଣ ତାହାର ପରିବାରକୁ ପଇସାର ଆବଶ୍ୟକତା ଅଛି । ବିପରୀତ ଅର୍ଥରେ ପଞ୍ଚମରେ ପଢୁଥିବା ନୀତୁକୁ ଯଦି ତାର ଶିକ୍ଷକ ଏକ ପ୍ରଶ୍ନ କରନ୍ତି ଯେ – "ଜଣେ ଦୋକାନୀ ଦଶଟି ପେନ୍‌ସିଲ୍‌କୁ ଟ.୧.୫୦ ପଇସାରେ ପ୍ରତି ପେନ୍‌ସିଲକୁ କିଣି ଦୁଇଟଙ୍କାରେ ପ୍ରତି ପେନ୍‌ସିଲକୁ ବିକ୍ରି କରେ ତେବେ ତାର କେତେଟଙ୍କା ଲାଭ ହେବ" ?

ବହୁତ ସମୟ ଭାବିଲା ପରେ **ନୀତୁ** କହିଲା, ମୁଁ କ'ଣ ଏହାକୁ ମିଶାଇବି ନା ଗୁଣନ କରିବି ? ଯଦି ଆପଣ କହିବେ ମୁଁ ଏହାକୁ ସମାଧାନ କରିପାରିବି ।

ଏହା ସ୍ପଷ୍ଟ ହେଲା **ସକୀଲ ଏବଂ ନୀତୁର** ସାଂସ୍କୃତିକ ପରିସ୍ଥିତ ଭିନ୍ନ ଅଟେ ତଥା ସେମାନେ ଦୁଇଜଣ ଶିକ୍ଷଣ ଅଭିବୃତ୍ତି ଦ୍ୱାରା ପ୍ରଭାବିତ । ପିଲାମାନଙ୍କର ଶିକ୍ଷଣ ଅଭିବୃତ୍ତିର ବିଶେଷତ୍ୱ ଏହା ହେଲା ଯେ ସେମାନେ ପରିବେଶ ପ୍ରତି ସମ୍ବେଦନଶୀଳ ଅଟନ୍ତି । ଅର୍ଥାତ୍ ସେମାନେ ନିଜ ପରିବେଶ ମଧ୍ୟରେ ବୟସ୍କମାନଙ୍କ ଏବଂ ସାଥିମାନଙ୍କ ସହିତ ମିଳିମିଶି ଚଳନ୍ତି ତଥା ସେମାନଙ୍କ ଦ୍ୱାରା ପିଲାମାନଙ୍କର ଅଭିବୃତ୍ତିର ମୂଳଦୁଆ ପଡ଼ିଥାଏ ନଚେତ୍ ସେମାନଙ୍କ ଅଭିବୃତ୍ତି ସବଳ କିମ୍ବା ଦୁର୍ବଳ ହୋଇଥାଏ । ପରିବାର ଏହି ଭାବନାତ୍ମକ ପୁଂଜି ବା "Emotional Capital" ଶିକ୍ଷାର୍ଥୀ ମାନଙ୍କ ପାଇଁ ଏକ ପ୍ରକାର ପ୍ରମୁଖ ପ୍ରଭାବିତ କାରକ ହୋଇଥାଏ ।

**ସହପାଠୀ :-** ଶିକ୍ଷଣ ପ୍ରକ୍ରିୟାକୁ ସୁ-ସଜ୍ଜିତ କରିବା ସମୟରେ ପିଲାମାନଙ୍କ ସହିତ ସେମାନଙ୍କ ସାଙ୍ଗସାଥି ମାନଙ୍କର ଭୂମିକାକୁ ମଧ୍ୟ ଧ୍ୟାନ ରଖିବା ଉଚିତ୍ । ସାଙ୍ଗ ମାନଙ୍କର ସାମୂହିକ ସାଂସ୍କୃତିକ ଏକତା ଜଣେ ଶିକ୍ଷାର୍ଥୀର ବିଦ୍ୟାଳୟରେ ଥିବା ସମୟରେ ସଠିକ୍ ଉପଯୋଗ ହୋଇଥାଏ ଓ ଏହା ଶିଖିବାରେ ଅତ୍ୟନ୍ତ ସହାୟକ ହୋଇଥାଏ । ସେମାନେ ନିଜ ମଧ୍ୟରେ ପାରସ୍ପରିକ, ସାମୂହିକ, ଦଳଗତ, ଆଲୋଚନା ମାଧ୍ୟମରେ ଜ୍ଞାନଅର୍ଜନ କରିଥାନ୍ତି । ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନିଜର ଅଲଗା ଅଲଗା ସାମାଜିକ ସମୂହ ଗଠନ କରିବାକୁ ଇଚ୍ଛା ବ୍ୟକ୍ତ କରିଥାନ୍ତି ।

ବିଦ୍ୟାଳୟ ମଧ୍ୟରେ ଓ ଏକ ଶ୍ରେଣୀକକ୍ଷ ମଧ୍ୟରେ ପିଲାମାନେ ଉପ-ସାଂସ୍କୃତିକ ଦଳ ଯାହାକି ଭାଷା, ଧର୍ମ, ଜାତି, ସାମାଜିକ ଶ୍ରେଣୀ ଏବଂ ଶୈକ୍ଷିକ ଉପଲବ୍ଧ ଦ୍ୱାରା ପ୍ରଦର୍ଶନ କରିଥାନ୍ତି । ଏହିପରି ସାଙ୍ଗସାଥିମାନଙ୍କ ଦ୍ୱାରା ଗୋଟିଏ ବିଦ୍ୟାର୍ଥୀ ତାର ନିଜର ଶୈକ୍ଷିକ ଉପଲବ୍ଧି ଅନୁଭବ କରିଥାଏ ।

କିଛି, ସାଙ୍ଗସାଥିମାନେ ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ ହୋଇଥାନ୍ତି । ଯାହାକି କିଛି ଦଳ ପୁରସ୍କାର ଏବଂ ଆତ୍ମଶିକ୍ଷା ଦ୍ୱାରା ଶିକ୍ଷଣ ପ୍ରକ୍ରିୟାରେ ଭାଗ ନେବାରେ ସହାୟକ ହୋଇଥାଏ । ଏବଂ ଏପରି ବିଦ୍ୟାର୍ଥୀ ନିଜେ ଜ୍ଞାନ ସୃଷ୍ଟି କରି ନିଜ ବାଟରେ ଚାଲିଯାଏ ଯାହାକି ଶିକ୍ଷକଙ୍କ ଶିକ୍ଷଣ ଲକ୍ଷ୍ୟ ଠାରୁ ଅଲଗା ହୋଇଥାଏ ।



ଟିପ୍ପଣୀ

ଏପରି କ୍ଷେତ୍ରରେ ଶିକ୍ଷକଙ୍କର ଶିକ୍ଷଣ ଦାୟୀତ୍ୱ ବଢି ଯାଇଥାଏ ଯାହାପ୍ରତି ସେ ସତତ ସର୍ତକ ରହିବା ବିଧେୟ ।

**ବିଦ୍ୟାଳୟ :-** ପ୍ରତ୍ୟେକ ବିଦ୍ୟାଳୟରେ ନିଜର ଏକ ବୃହତ୍ ସାଂସ୍କୃତିକ ପୃଷ୍ଠଭୂମି ରହିଥାଏ କିନ୍ତୁ ସୂକ୍ଷ୍ମ ଅବଧାରଣା ଦ୍ୱାରା ଏହା ମଧ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ବିଦ୍ୟାଳୟରେ ମଧ୍ୟ ଭିନ୍ନ ଭିନ୍ନ ଉପସଂସ୍କୃତି ଅଛି । ବିଦ୍ୟାଳୟରେ **ଶିକ୍ଷକ** ମାନଙ୍କ ଦ୍ୱାରା ବିଦ୍ୟାର୍ଥୀମାନେ ଏହି ସାଂସ୍କୃତିକ ସମୂହ, କ୍ଷେତ୍ର, ଭାଷା, ଧର୍ମ, ଜାତି, ଏବଂ ସାମାଜିକ ସ୍ତର ଉପରେ ଆଧାରିତ ହୋଇଥା'ନ୍ତି । ଏହି ଶ୍ରେଣୀକକ୍ଷ କାର୍ଯ୍ୟାବଳୀ ଶିକ୍ଷାର୍ଥୀର ଶିକ୍ଷଣ ଉପଲବ୍ଧିକୁ ପ୍ରଭାବିତ କରେ ।

**E - 5 - କୋଲାବ୍‌ଙ୍କର** ଶିକ୍ଷଣ ପ୍ରକ୍ରିୟାର ଦୁଇଟି ମଡ଼େଲ କ'ଣ ?

**E - 6-** ସାଙ୍ଗସାଥିମାନଙ୍କର ସାମୁହିକତା ନୂଆ ନୂଆ ଅନୁଭବ ପ୍ରାପ୍ତି ପାଇଁ କେଉଁ ମହତ୍ତ୍ୱ ଉପଯୋଗୀ ବର୍ଣ୍ଣନା କରେ ।

- **ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣରେ ଶିକ୍ଷକଙ୍କ ଭୂମିକା :-**
  ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣରେ ଆମେ ନିମ୍ନଲିଖିତ ଲକ୍ଷଣ ସର୍ମ୍ପକରେ ବିଚାର କରିବା ।
- ଶିକ୍ଷାର୍ଥୀ ମାନଙ୍କର ଶିକ୍ଷଣ ଶୈଳୀ(Style) ଅଲଗା ଅଲଗା ହୋଇଥାଏ । (ଶିକ୍ଷକ ମାନେ ତାହା ନଜର ରଖି ଶିକ୍ଷାପ୍ରଦାନ କରିବା ଉଚିତ୍)
- ବିଦ୍ୟାଳୟରେ ଶିକ୍ଷାର୍ଥୀ ମାନଙ୍କର ଉତ୍ସୁକତା, ଅନୁସନ୍ଧିତ୍ସା ଏବଂ ସର୍ବଦା ଆତ୍ମ-ଶିକ୍ଷଣର ବ୍ୟବହାର ଶିଖିବା ପାଇଁ ସୁଯୋଗ ଦେବା ଉଚିତ୍, ଏହାର ପିଲାମାନଙ୍କର ରୁଚି ଅନୁସାରେ ଯେତେ କଠିନ ବିଷୟ ହେଲେ ମଧ୍ୟ ଯେପର୍ଯ୍ୟନ୍ତ ସନ୍ତୋଷଜନକ ଫଳ ନମିଳିଛି, ସେ ପର୍ଯ୍ୟନ୍ତ ସୁଯୋଗ ସୃଷ୍ଟି କରିବା ଉଚିତ୍ ।
- ଜଣେ ଶିଶୁ ସାଧାରଣତଃ ଆତ୍ମଶିକ୍ଷା ମାଧ୍ୟମରେ ଶିଖିଥାଏ ।
- ଶିଶୁ ନିଜର ଶିକ୍ଷଣ କ୍ଷେତ୍ରରେ ବୁଦ୍ଧିମତାପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ନିଷ୍ପତ୍ତି ନେବାର କ୍ଷମତା ରଖିଥାଏ ।
- ବିଦ୍ୟାଳୟ ଶିକ୍ଷାର୍ଥୀକୁ ଶିଖିବା ପାଇଁ ସର୍ବଦା ଶୈକ୍ଷିକ ପରିବେଶ ଯୋଗାଇବ ଯାହାକି ସେ ଶିକ୍ଷାର୍ଥୀକୁ ଜୀବନବ୍ୟାପୀ ଶିକ୍ଷା ଗ୍ରହଣର ମାଧ୍ୟମ ଭାବେ ତିଆରି ହୋଇପାରିବ ।
- ଶିକ୍ଷାର୍ଥୀମାନେ ଯେପରି ସ୍ୱାଧୀନ ଓ ନିର୍ଭୟ ପରିବେଶରେ କାମ କରିବେ ସେଥିପ୍ରତି ଶିକ୍ଷକ ଦୃଷ୍ଟି ଦେବେ । ବିଦ୍ୟାଳୟ ମଧ୍ୟରେ ସ୍ୱୀକୃତିର ଅନୁଭବ ତଥା ସକରାତ୍ମକ ଭାବନାର ବାତାବରଣ ତିଆରି କରିବା ଉଚିତ୍ । ଏଣୁ ଜଣେ ଶିକ୍ଷକଙ୍କ ପରି ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାରେ ନିମ୍ନଲିଖିତ ତିନି (୩) ମହତ୍ତ୍ୱପୂର୍ଣ୍ଣ ଭୂମିକା ଆପଣଙ୍କୁ କରିବାକୁ ହେବ ।

**ଶିକ୍ଷାର୍ଥୀ ମାନଙ୍କର ପର୍ଯ୍ୟବେକ୍ଷକ ଏବଂ ବିଦାନ କର୍ତ୍ତା(Diagnostician):-**

ଶିକ୍ଷାର୍ଥୀମାନଙ୍କର ବ୍ୟବହାର ଏବଂ କାର୍ଯ୍ୟକଳାପକୁ ଶ୍ରେଣୀ ମଧ୍ୟରେ କିମ୍ବା ବାହାରେ ଆପଣଙ୍କୁ ସର୍ବଦା ଅନୁଧ୍ୟାନ କରିବା ଦରକାର ଯାହାକି ତାର ଶିକ୍ଷଣ ଅଭିବୃଦ୍ଧି, ଶିକ୍ଷଣ ଆବଶ୍ୟକତା, ସବଳତା, ଦୁର୍ବଳତାକୁ ସହଜରେ ଜାଣି ପାରିବ ଯଦ୍ୱାରା ଶିକ୍ଷାର୍ଥୀ ପାଇଁ ଉଚିତ୍ ଶିକ୍ଷଣ ବାତାବରଣ ପ୍ରସ୍ତୁତ କରିବା ସହିତ ଶିକ୍ଷଣ କାର୍ଯ୍ୟକ୍ରମର ସଂରଚନା କରିବାରେ ସହାୟତା ହେବ ।

**ଶିକ୍ଷଣ ପାଇଁ ବାତାବରଣ ସୃଷ୍ଟି କରିବା :-**

ଟିପ୍ପଣୀ

ଯଦି ଥରେ ଆପଣ ଶିକ୍ଷାର୍ଥୀର ଶିକ୍ଷାର କୌଶଳକୁ ଜାଣି ଯିବେ- ତେବେ ଆପଣଙ୍କର ମୁଖ୍ୟ କାମ ହେଲା ଏପରି ଏକ ଶୈକ୍ଷିକ ବାତାବରଣ ପ୍ରସ୍ତୁତ କରିବେ ଯେଉଁଠାରେ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଶିଖିବା ପାଇଁ ତଥା ନିଜର ଶିକ୍ଷଣ ଆବଶ୍ୟକତାକୁ ପୁରା କରିବା ପାଇଁ ଅବସର ମିଳେ ।

**ଶିକ୍ଷଣର ସହାୟକ (facilitator)** - ଶିକ୍ଷାର୍ଥୀ ଯେବେ ଶିକ୍ଷଣ କାର୍ଯ୍ୟକଳାପରେ ସମ୍ମିଳିତ ହୋଇଯାଏ ତେବେ ଶିକ୍ଷକ ସତର୍କ ହୋଇ ସହଯୋଗ କରିବା ଦରକାର । ପ୍ରତ୍ୟକ୍ଷ ଶିକ୍ଷଣରେ ଏହା ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଯେପରି ଆମେ ଜାଣିଛେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିଖିବାର କୌଶଳ ତଥା ଶିକ୍ଷଣ ଅଭିବୃତ୍ତି ଭିନ୍ନ ଭିନ୍ନ ହୋଇଥାଏ । ଏଣୁ ଏମାନଙ୍କ ଶିକ୍ଷଣ ସମୟରେ ଆମେ ଉଚିତ୍ ପରିସ୍ଥିତିରେ ସଠିକ୍ ସହଯୋଗ ଉପଲବ୍ଧ କରାଇବା ଉଚିତ୍ ଏହାଛଡ଼ା ଯେତେବେଳେ ଶିକ୍ଷାର୍ଥୀ ନିଷ୍କ୍ରିୟ ହୋଇଯାଏ ତେବେ ତାକୁ ଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ପ୍ରେରଣା ଯୋଗାଇବା ଉଚିତ୍ ।

**E - 7 - ଶିକ୍ଷାର୍ଥୀ-କୈନ୍ଦ୍ରିକ ଶ୍ରେଣୀରେ ଶିକ୍ଷକଙ୍କର ୩ଟି ଭୂମିକା ବର୍ଣ୍ଣନା କର ।**

## ୪.୨.୨. ଶିକ୍ଷଣ କୈନ୍ଦ୍ରିକ ପନ୍ଥା

- ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାରେ ବିଭିନ୍ନ ଶିକ୍ଷଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଏ ଯଦିଓ ଏହା ବିଦ୍ୟାର୍ଥୀଙ୍କ ଶିକ୍ଷଣ ପ୍ରକ୍ରିୟାକୁ ପ୍ରମୁଖ ସ୍ଥାନ ଦେଇଥାଏ । ଶିକ୍ଷଣ-କୈନ୍ଦ୍ରିକ ଶିକ୍ଷା ସହିତ ଜଡ଼ିତ ଥିବା ସମସ୍ତ ବ୍ୟକ୍ତି ଯେପରି ଶିକ୍ଷକ ମଧ୍ୟ ବିଦ୍ୟାର୍ଥୀ ମାନଙ୍କ ସହିତ ଶିକ୍ଷାର୍ଥୀ ହୋଇଥାନ୍ତି । ପ୍ରାଥମିକତା ସ୍ୱରୂପ ଏହା ଶିକ୍ଷାର୍ଥୀ କୈନ୍ଦ୍ରିକ ହୋଇଥାଏ, କିନ୍ତୁ ଶ୍ରେଣୀ ମଧ୍ୟରେ ଶିକ୍ଷକ ଶିକ୍ଷଣ ପ୍ରକ୍ରିୟାରେ ସମ୍ମିଳୀତ ହୋଇଥାନ୍ତି । ଏହି ଶିକ୍ଷଣ-କୈନ୍ଦ୍ରିକ ଶିକ୍ଷା ଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ କୌଶଳ ଅର୍ଜନ କରିବାରେ ସାହାଯ୍ୟ କରିଥାଏ ତଥା ଜୀବନବ୍ୟାପୀ ନିରନ୍ତର ଶିକ୍ଷା ଗ୍ରହଣ କରିବାରେ ପ୍ରେରଣା ଯୋଗାଇଥାଏ ।

ଉଦାହରଣ ସ୍ୱରୂପ, ଯେତେବେଳେ ଆପଣ ଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷଣୀୟ ଭ୍ରମଣ ପାଇଁ ବା କ୍ଷେତ୍ର ପରିଦର୍ଶନ ପାଇଁ କେଉଁ ଏକ କାରଖାନା କିମ୍ବା ବନ୍ଧ ବା ଡ୍ୟାମ ଦେଖିବା ପାଇଁ ଯାଆନ୍ତି ସେଠାରେ କେବଳ ବିଦ୍ୟାର୍ଥୀ ଶିଖି ନଥାନ୍ତି ଆପଣ ମଧ୍ୟ ନୂଆ କଥା, ନୂଆ କୌଶଳ, ବିଚାରଧାରା ଏବଂ କର୍ମଚାରୀମାନଙ୍କ ସହିତ କଥାବାର୍ତ୍ତା କରି କାରଖାନାର ପରିଚାଳନା, ନିର୍ମାଣଶୈଳୀ, ଉପଯୋଗୀତା ଆଦି ବହୁତ ବିଷୟରେ ଜ୍ଞାନ ପ୍ରାପ୍ତ କରିଥାନ୍ତି । ଏହି ସମସ୍ତ ଜ୍ଞାନକୁ ବିଦ୍ୟାର୍ଥୀ ମାନଙ୍କ ସହିତ କଥାବାର୍ତ୍ତା କରି ଆପଣ ତାଙ୍କର ଶିକ୍ଷଣ ଦକ୍ଷତାକୁ ଅଧିକ ଦୃଢ଼ ଭାବରେ ତିଆରି କରିପାରିବେ ।

ଶୈକ୍ଷିଣ-କୈନ୍ଦ୍ରିକ ପନ୍ଥାରେ ଶିକ୍ଷାର୍ଥୀକୁ ସମସ୍ତ କାର୍ଯ୍ୟର କେନ୍ଦ୍ରବିନ୍ଦୁ ଅଟେ । ଏହି ପନ୍ଥାରେ ଶିକ୍ଷାର୍ଥୀ ଆସିଥିବା ଶୈକ୍ଷିକ ପରିସ୍ଥିତି ବିଷୟରେ ଜାଣିବାକୁ ପଡ଼ିଥାଏ । ଶୈକ୍ଷିକ ପରିସ୍ଥିତିକୁ ଜାଣି ଓ ବୁଝି ତଦନୁଯାୟୀ ଶିକ୍ଷକ ଅଭିଜ୍ଞତା ଯୋଗାଇବା ଶିକ୍ଷକଙ୍କର ଦାୟିତ୍ୱ ହୋଇଥାଏ । ଶିକ୍ଷାର୍ଥୀର ଶିକ୍ଷଣ ଅଗ୍ରଗତିର ମୂଲ୍ୟାୟନ କରି ତାହାକୁ ଶିକ୍ଷଣ ଉଦ୍ଦେଶ୍ୟ ହାସଲ ଦିଗରେ ଅଗ୍ରସର କରିବା ଦାୟିତ୍ୱ ଶିକ୍ଷକ ବହନ କରନ୍ତି । ଏଣୁ ବାସ୍ତବରେ ଶିକ୍ଷଣର ଦାୟିତ୍ୱ ବିଦ୍ୟାର୍ଥୀ ମାନଙ୍କ ଉପରେ ଥାଏ ଏବଂ ଶିକ୍ଷକ ବିଦ୍ୟାର୍ଥୀମାନଙ୍କ ଶିକ୍ଷାକୁ ସହଜ, ସୁଗମ, ତିଆରି କରିବାର ସମସ୍ତ ଦାୟିତ୍ୱ ନେଇଥାନ୍ତି । ଏହି ଶିକ୍ଷଣ, ବ୍ୟକ୍ତିବାଦ, ନମନୀୟ, ଦକ୍ଷତାଭିତ୍ତିକ । ଏହି ପନ୍ଥାରେ ଅନେକଗୁଡ଼ିଏ ଶିକ୍ଷଣ ପଦ୍ଧତି ବ୍ୟବହାର କରାଯାଇ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଶିକ୍ଷାର୍ଥୀ ଠାରେ ଶିଖିବାର ଆଗ୍ରହ ସୃଷ୍ଟି କରେ । ଏହା କୌଣସି ସ୍ଥାନ ବା ସମୟ ଦ୍ୱାରା ବନ୍ଧା ହୋଇନଥାଏ । ଅନ୍ୟ ଅର୍ଥରେ ଏହି ଶିକ୍ଷଣ ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣକୁ ଉତ୍ସାହିତ କରିଥାଏ, ଯେଉଁଠାରେ ଜଣେ ଅନ୍ୟ ଜଣେର ସହଯୋଗ



ଟିପ୍ପଣୀ

ମାଧ୍ୟମରେ ଏବଂ ବିଷୟବସ୍ତୁ ଦ୍ୱାରା ଜ୍ଞାନର ସାର୍ଥକତା ଜଣାଯାଇଥାଏ । ଶିକ୍ଷକ ବିଦ୍ୟାର୍ଥୀଙ୍କୁ ଉତ୍ପାଦକର୍ତ୍ତା, ଜ୍ଞାନାର୍ଜନ, କ୍ଷମତା, କୌଶଳରେ ବହୁତ ବଡ଼ ତିଆରି ପାଇଁ ଚେଷ୍ଟା କରିଥାଏ । ତଥା ବ୍ୟକ୍ତିଗତ ଏବଂ ବ୍ୟବସାୟିକ କ୍ଷମତାକୁ ବୃଦ୍ଧି କରିବାରେ ପ୍ରଯତ୍ନ କରିଥାଏ । ଶିକ୍ଷକ ଏଥିପାଇଁ ବିଭିନ୍ନ ପ୍ରକାର ନିର୍ଦ୍ଦେଶାତ୍ମକ ଉପକରଣ ବ୍ୟବହାର କରି ତଥା ସେଥିପାଇଁ ଶିକ୍ଷଣୀୟ, ନମନୀୟ ସ୍ଥାନର ବ୍ୟବସ୍ଥା କରିପାରିବେ ।

ଶିକ୍ଷାର୍ଥୀ ନିଜର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ନିଜେ ଦାୟୀ ରହିଥାଏ । ତା ପାଖରେ ନିଜର ଶିକ୍ଷଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ପାଇଁ ବହୁତ ଗୁଡ଼ାଏ ସୁଯୋଗ ମିଳିଥାଏ । ଏହାର ପରିଣାମସ୍ୱରୂପ ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ଉପରେ ଆଧାରିତ ସମସ୍ତ ସହାୟକାରୀକୁ ମଧ୍ୟ ଗୋଟିଏ ସହଯୋଗାତ୍ମକ ଭାଗିଦାରୀ ମିଳିଥାଏ ।

ଶିକ୍ଷଣ-କୈନ୍ଦ୍ରିକ ଶିକ୍ଷାର କେତେଗୁଡ଼ିଏ ଉଦାହରଣ ନିମ୍ନରେ ଦିଆଗଲା :-

- ଶ୍ରେଣୀକକ୍ଷ ଭିତ୍ତିରେ ଓ ବାହାରେ ସହଭାଗିତା ମାଧ୍ୟମରେ ଶିକ୍ଷଣ ।
- ବ୍ୟକ୍ତିଗତ ଶିକ୍ଷାର୍ଥୀ ମାନଙ୍କ ଅନ୍ୱେଷଣ ଏବଂ ଚୟନ ।
- ବିଦ୍ୟାର୍ଥୀ ଏବଂ ଶିକ୍ଷକ ଉଭୟଙ୍କ ଦ୍ୱାରା ଅନ୍ୱେଷଣ ଏବଂ ନିର୍ବାଚନ ।
- ସମସ୍ୟା ଆଧାରିତ ଶିକ୍ଷଣ ଭିତ୍ତିକ ତଦନ୍ତ ।
- ସମକାଳୀନ କ୍ରିୟାତ୍ମକ ଶିକ୍ଷଣ ।
- ନିଜ ମାଧ୍ୟମରେ ଅନୁଭୂତିମୂଳକ ଶିକ୍ଷଣୀୟ କାର୍ଯ୍ୟକଳାପ ।
- ଶିକ୍ଷଣୀୟ ସ୍ଥାନର ଅନୁଭୂତି ।
- ପ୍ରସଙ୍ଗଭିତ୍ତିକ ସ୍ୱ-ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପ୍ରଦର୍ଶନ ।

**ଶିକ୍ଷଣ କୈନ୍ଦ୍ରିକ ଶିକ୍ଷାର ବିଶେଷତ୍ୱ :-**

**ନିମ୍ନରେ କେତେଗୁଡ଼ିଏ ବିଶେଷତ୍ୱ ଦିଆଯାଇଛି -**

- ଶିକ୍ଷାର୍ଥୀ ସାମୂହିକ ଭାବରେ ସଂରଚନାତ୍ମକ ଭାବଜ୍ଞାନ ଅର୍ଜ୍ଜନ କରିଥାଏ ଏବଂ ତାକୁ ସାମାନ୍ୟ କୌଶଳ ଯଥା - ଖୋଜିବା, ତାର୍କିକ ଚିନ୍ତାଧାରା ଏବଂ ସମସ୍ୟା ସମାଧାନ ସହିତ ଜଡ଼ିତ ରଖିଥାଏ ।
- ଶିକ୍ଷାର୍ଥୀ ନିଜ ଅଭିଜ୍ଞତା ଆଧାରରେ ଶିକ୍ଷଣ କାର୍ଯ୍ୟ କରନ୍ତି ଏବଂ ସମସ୍ୟା ଭିତ୍ତିକ ଅନୁସନ୍ଧାନ କରିବାର ସୁଯୋଗ ପାଇଥାନ୍ତି ।
- ଶିକ୍ଷକ ଶିକ୍ଷାର୍ଥୀ ପାଇଁ ଜଣେ କୋଚ୍ ତଥା ସହାୟକକାରୀ ଭୂମିକା ତୁଲାଇଥାନ୍ତି ।
- ଶିକ୍ଷାର୍ଥୀ ଓ ଶିକ୍ଷକ ମିଶି ଶିକ୍ଷଣର ମୂଲ୍ୟାୟନ କରନ୍ତି ।
- ଶିକ୍ଷଣ ଓ ମୂଲ୍ୟ ନିର୍ଦ୍ଧାରଣ ପରସ୍ପରଠାରୁ ପୃଥକ୍ ନହୋଇ ଏକାଠି ଚାଲିଥାଏ ।
- ମୂଲ୍ୟ ନିର୍ଦ୍ଧାରଣକୁ ସାଧାରଣତଃ ଅଧିକ ଶିକ୍ଷଣ ତଥା ନିଦାନ ନିରୂପଣ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।
- ଶିକ୍ଷାର୍ଥୀମାନେ କରିଥିବା ଭୁଲ୍‌ରୁ ଶିଖିବା ପାଇଁ ପରିସ୍ଥିତି ସୃଷ୍ଟି କରାଯାଇଥାଏ ।



ଟିପ୍ପଣୀ

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

- ପ୍ରତ୍ୟାଶିତ ଶିକ୍ଷଣର ମୂଲ୍ୟ ନିର୍ଦ୍ଧାରଣ ମୁଖ୍ୟତଃ ପ୍ରକଳ୍ପ, ପୋର୍ଟଫୋଲିଓ ପିଲାର କୃତି ଆଧାରରେ କରାଯାଇଥାଏ ।
- ମୂଲ୍ୟ ନିର୍ଦ୍ଧାରଣ ମୁଖ୍ୟତଃ ଶିକ୍ଷଣ ପ୍ରକ୍ରିୟାକୁ ନିଦାନାତ୍ମକ ମାଧ୍ୟମ ଭାବରେ ବ୍ୟବହାର କରାଯାଇଥାଏ ।
- ଏହା ସଂସ୍କୃତିର ସହଯୋଗୀ ଓ ସହଯୋଗପୂର୍ଣ୍ଣ ବାହାକ ହୋଇଥାଏ ।
- ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କ ସହ ମିଶି ବିଭିନ୍ନ ତଥ୍ୟ ଅର୍ଜନ କରିଥାନ୍ତି ।

Welmer ଙ୍କ(୨୦୦୨) ଅନୁସାରେ ଶିକ୍ଷଣ କୈନ୍ଦ୍ରିକ ଶିକ୍ଷା ପାଇବା ପାଇଁ ପାଞ୍ଚଟି ଅଭ୍ୟାସକୁ ପରିବର୍ତ୍ତନ କରିବାର ଆବଶ୍ୟକତା ଥାଏ :-

**(୧) ବିଷୟବସ୍ତୁ ସମ୍ବନ୍ଧୀୟ କାର୍ଯ୍ୟ :-**

ଜ୍ଞାନ ଅର୍ଜନ କରିବା ପାଇଁ ଅନେକଗୁଡ଼ିଏ ବିଷୟବସ୍ତୁ ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ଭିତ୍ତିଭୂମି ସୃଷ୍ଟି ବା ଅନୁସନ୍ଧାନାତ୍ମକ ଜ୍ଞାନ ଅର୍ଜନରେ ସାହାଯ୍ୟ କରିଥାଏ ।

- ବିଷୟବସ୍ତୁ ଜ୍ଞାନ ସଂରଚନା ନିମନ୍ତେ ଭିତ୍ତିଭୂମି ସୃଷ୍ଟି କରିବା ସହ ଶିକ୍ଷାର୍ଥୀକୁ ଅନୁସନ୍ଧାନ କରି ଅଭ୍ୟାସ କରିବାରେ ସାହାଯ୍ୟ କରିଥାଏ ।
- ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ କରିବାରେ ସାହାଯ୍ୟ ।
- ବିଷୟବସ୍ତୁକୁ ବୁଝିବା ଏବଂ ପଢ଼ିବାରେ କାରଣ ଜାଣିବା ।
- ବିଷୟବସ୍ତୁ ପାଇଁ ଶିକ୍ଷଣ କୈନ୍ଦ୍ରିକ ପଦ୍ଧତି ପ୍ରସ୍ତୁତ ।
- ବିଷୟବସ୍ତୁର ମୂଲ୍ୟବୋଧକୁ ପସନ୍ଦ କରିବାରେ ।
- ବିଷୟବସ୍ତୁ ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କୁ ଜାଣିବା, ଏବଂ କାରଣ ଖୋଜିବା ।

**(୨) ଶିକ୍ଷକଙ୍କ ଭୂମିକା :-**

ଶିକ୍ଷକ ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ତ୍ୱରାନ୍ୱିତ କରିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବେ ଯେ:-

- ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ପ୍ରକ୍ରିୟା ପାଇଁ ଆଗ୍ରହୀ କରିବା ।
- ଶିକ୍ଷାର୍ଥୀମାନେ ଶିକ୍ଷଣ ଲକ୍ଷରେ ପହଞ୍ଚିବା ପାଇଁ ବହୁବିଧ ପନ୍ଥାର ସୁବିଧା ସୁଯୋଗ ଗ୍ରହଣ କରିବା ।
- ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ଭାଗୀଦାରିତା ନେବା ପାଇଁ ଆଗ୍ରହୀ କରାଇବା ।
- ଶିକ୍ଷଣ ଦକ୍ଷତା, ଶିକ୍ଷଣ ପଦ୍ଧତି ତଥା ମୂଲ୍ୟ ନିରୂପଣ ମଧ୍ୟରେ ସମନ୍ୱୟ ଆଣିବା ।
- ଶିକ୍ଷାର୍ଥୀମାନେ ଶିକ୍ଷଣ ଲକ୍ଷ୍ୟରେ ପହଞ୍ଚିବା ପାଇଁ ବହୁବିଧ ପନ୍ଥାର ବ୍ୟବହାର କରିବା ।
- ଶିକ୍ଷାର୍ଥୀ ଏବଂ ଶିକ୍ଷକ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟତା ସ୍ୱରୂପ ଭାଗ ନେବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟାବଳୀ ପ୍ରସ୍ତୁତ କରିବା ।
- ଶିକ୍ଷାର୍ଥୀ ମାନଙ୍କର ସ୍ୱ-ଶିକ୍ଷାକୁ ଅଭିପ୍ରେରିତ ଓ ଆଗ୍ରହ ସୃଷ୍ଟି କରିବା ।



ଟିପ୍ପଣୀ

(୩) **ଶିକ୍ଷଣ ପାଇଁ ଦାୟିତ୍ୱ -**

ଏହି ପନ୍ଥାରେ ଶିକ୍ଷଣର ଦାୟିତ୍ୱ ଶିକ୍ଷକ ଓ ଶିକ୍ଷାର୍ଥୀ ନେଇଥିଲେ ମଧ୍ୟ ଶିକ୍ଷାର୍ଥୀ ତାର ଶିକ୍ଷଣ ଓ ମୂଲ୍ୟ ନିର୍ଦ୍ଧାରଣର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜେ ନେବା ପାଇଁ ଆଶା କରାଯାଇଥାଏ । ଫଳସ୍ୱରୂପ ବିଦ୍ୟାର୍ଥୀ-

- ଅଧିକ ଶିଖିବା ପାଇଁ ଶିକ୍ଷଣ କୌଶଳ ନିଜେ ନିର୍ଣ୍ଣୟ କରିଥାଏ ।
- ସ୍ୱନିର୍ଦ୍ଦେଶିତ ବା ସ୍ୱପ୍ରେରିତ ହୋଇ ଜୀବନବ୍ୟାପି ଶିକ୍ଷାର୍ଥୀ ହୋଇଥାନ୍ତି ।
- ଶିକ୍ଷଣ ପ୍ରକ୍ରିୟାରେ ଭାଗ ନେଇ ସ୍ୱ-ମୂଲ୍ୟାଙ୍କନ କରିବାରେ ସକ୍ଷମ ହୁଏ ।
- ଭାଷାଗତ ଜ୍ଞାନ ବୃଦ୍ଧିରେ ଦକ୍ଷତା ହାସଲ କରେ ।

(୪) **ମୂଲ୍ୟାୟନର ଉଦ୍ଦେଶ୍ୟ ତଥା ପ୍ରକ୍ରିୟା**

ଶିକ୍ଷଣ କୈନ୍ଦ୍ରିକ ଶିକ୍ଷାରେ ମୂଲ୍ୟାୟନ ଶିକ୍ଷଣ ସହ ଏକ ସଙ୍ଗରେ ଚାଲିଥାଏ ଓ ସାମଗ୍ରିକ ହୋଇଥାଏ । ଏହା ବ୍ୟତୀତ :

- ସମଗ୍ରାକୃତି ମୂଲ୍ୟାୟନ
- ଗଠନମୂଳକ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବା ସହ ଗଠନାତ୍ମକ ମତାମତ ଉପସ୍ଥାପନ ।
- ସାଙ୍ଗ ଓ ନିଜ ଦ୍ୱାରା ସ୍ୱମୂଲ୍ୟାୟନ ।
- ଶିଖିବାକୁ ଥିବା ବିଷୟବସ୍ତୁ ଉପରେ ନିଜସ୍ୱ ନିପୁଣତା ହାସଲ ।
- ଶିକ୍ଷାର୍ଥୀକୁ ସେମାନଙ୍କ ଉତ୍ତର ସପକ୍ଷରେ ମତାମତ ବା ଯୁକ୍ତି ରଖିବା ପାଇଁ ସୁଯୋଗ ପ୍ରଦାନ
- ଶିକ୍ଷାର୍ଥୀ ଏବଂ ଶିକ୍ଷକ ନିଜର ମତାମତ ଦେବାକୁ ସହମତି ପ୍ରକାଶ କରନ୍ତି ।
- ସମସ୍ତ ସମୟରେ ନିରପେକ୍ଷ ମୂଲ୍ୟାୟନର ଉପଯୋଗ ହୋଇଥାଏ ।

(୫) **କ୍ଷମତା ମଧ୍ୟରେ ସନ୍ତୁଳନ**

ଶିକ୍ଷକଙ୍କ ଅପେକ୍ଷା ଶିକ୍ଷାର୍ଥୀ ନିଜ ଶିକ୍ଷଣ ଉପରେ ବେଶୀ ନିୟନ୍ତ୍ରଣ ରଖିପାରିଥାଏ । ତେଣୁ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକ ସୁସଂଗଠିତ ଭାବେ ପଦକ୍ଷେପ ନେବା ବିଧେୟ ।

- ପାଠ୍ୟ ବିଷୟବସ୍ତୁକୁ ସମୃଦ୍ଧ କରିବା ପାଇଁ ପାଠ୍ୟପୁସ୍ତକ ବାହାରେ ଥିବା ସମ୍ପର୍କୀତ ବିଷୟବସ୍ତୁକୁ ଖୋଜି ବାହାର କରିବା ପାଇଁ ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରନ୍ତି ।
- ଉଚିତ୍ ସମୟ ମଧ୍ୟରେ ଶିକ୍ଷାର୍ଥୀ ମଧ୍ୟରେ ବହୁ, ବିକଳ୍ପ ଅଭିବ୍ୟକ୍ତ ସୃଷ୍ଟି କରିବା ପାଇଁ ପ୍ରେରିତ କରାଯାଏ ।
- କୌଣସି ବିଷୟରେ ପୂର୍ଣ୍ଣ ଦକ୍ଷତା ହାସଲ ପାଇଁ ଚେଷ୍ଟା କରାଯାଇଥାଏ ।
- ଶ୍ରେଣୀର ବାହାର କାର୍ଯ୍ୟ ଗୁଡ଼ିକ ବହୁମୁଖୀ ହୋଇଥାଏ ।
- ବିଦ୍ୟାର୍ଥୀ ଶିଖିବା ନୈପୁର୍ଣ୍ଣତାର ସୁଯୋଗ ହାସଲ କରିଥାନ୍ତି ।

**E - 8 -** ଯଦି ଶ୍ରେଣୀ ମଧ୍ୟରେ ଶିକ୍ଷଣ କୈନ୍ଦ୍ରିକ ପନ୍ଥା ପ୍ରଚଳନ କରାଯାଏ ତେବେ ବର୍ତ୍ତମାନ ଶିକ୍ଷକ କୈନ୍ଦ୍ରିକ ପନ୍ଥା ଉପରେ କିଭଳି ଭାବରେ ପରିବର୍ତ୍ତନ କରାଯାଇ ପାରିବ ?

(ଯେକୌଣସି ୩ଟି ଉପାୟର ବର୍ଣ୍ଣନା କର) ।

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

ଶିକ୍ଷାଦାନ ପନ୍ଥାର ୩ଟି ମାଧ୍ୟମ ହେଲା - ଶିକ୍ଷକ-କୈନ୍ଦ୍ରିକ ପନ୍ଥା, ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ଓ ଶିକ୍ଷଣ କୈନ୍ଦ୍ରିକ ପନ୍ଥା ଶିକ୍ଷାର ପ୍ରମୁଖ ସୂଚକ ଗୁଡ଼ିକର ତୁଳନାତ୍ମକ ଚିତ୍ରଣ ନିମ୍ନରେ ଦିଆଯାଇଛି ।

**ସାରଣୀ ୪.୧ ଶିକ୍ଷାର ତିନୋଟି ସୂଚକ ମଧ୍ୟରେ ତୁଳନା -**

| **ସୂଚକ** | **ଶିକ୍ଷକ କୈନ୍ଦ୍ରିକ** | **ଶିକ୍ଷାର୍ଥୀ କୈନ୍ଦ୍ରିକ** | **ଶିକ୍ଷଣ କୈନ୍ଦ୍ରିକ** |
|---|---|---|---|
| **ଜ୍ଞାନର ସ୍ୱରୂପତା ପ୍ରକୃତି** | ଶିକ୍ଷାର୍ଥୀ ପାଇଁ ଜ୍ଞାନ ଆଗରୁ ଠିକ୍ କରାଯାଇଥାଏ । | ଜ୍ଞାନ ଶିକ୍ଷାର୍ଥୀଙ୍କ ଦ୍ୱାରା ଆବିଷ୍କୃତ ହୋଇଥାଏ । | ଜ୍ଞାନ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପ୍ରସ୍ତୁତି ହୋଇଥାଏ । |
| **ଶିକ୍ଷକ ଶିକ୍ଷାଥୀମାନଙ୍କ ଭୂମିକା** | ଶିକ୍ଷକ ସକ୍ରିୟ ଓ ଶିକ୍ଷାର୍ଥୀ ନିଷ୍କ୍ରିୟ | ଶିକ୍ଷକ ଶିକ୍ଷାର୍ଥୀଙ୍କୁ ସକ୍ରିୟ କରାଇଥାଏ । | ବିଦ୍ୟାର୍ଥୀଙ୍କୁ ସକ୍ରିୟ କରିବା ପାଇଁ ଶିକ୍ଷକ ଉତ୍ସାହିତ କରନ୍ତି |
| **ଶିକ୍ଷକଙ୍କ ପ୍ରଭାବଶାଳୀ କାର୍ଯ୍ୟ ।** | ନିର୍ଦ୍ଦେଶାତ୍ମକ ଓ ନିୟନ୍ତ୍ରକ | ଶିକ୍ଷଣ କାର୍ଯ୍ୟର ପ୍ରସ୍ତୁତି ଓ ଶିକ୍ଷାଦାନ । | ଶିକ୍ଷଣକୁ ସୁଗମ କରିବା ସହିତ ସହଯୋଗିତା ପରିବେଶ ସୃଷ୍ଟି |
| **ପରିସ୍ଥିତି** | ବିଶେଷ ପରିସ୍ଥିତି ନଥାଏ (ପରିସ୍ଥିତି ଠାରୁ ସ୍ୱତନ୍ତ୍ର) | ଶିକ୍ଷାର୍ଥୀ ସହଭାଗୀ | ସ୍ୱାଭାବିକ ସମ୍ବନ୍ଧିତ ଶିକ୍ଷଣ |
| **ନିୟନ୍ତ୍ରଣ** | ସଂପୂର୍ଣ୍ଣ ଭାବରେ ଶିକ୍ଷକଙ୍କ ନିୟନ୍ତ୍ରଣ (କଠିନ ଓ ନିରଙ୍କୁଶ) | ଶିକ୍ଷକ ଓ ଶିକ୍ଷାର୍ଥୀ ସମ୍ପର୍କ ଅଧିକ ନମନୀୟ | ଶିକ୍ଷାର୍ଥୀ ନିୟନ୍ତ୍ରଣ ପ୍ରଭାବିତ (ନମନୀୟ ଓ ଗଣତାନ୍ତ୍ରୀକ) |
| **ନିବେଶ** | କିଛି ଜ୍ଞାନ ଓ ତଥ୍ୟ | ଦକ୍ଷତା ଓ ଅନୁଭବ ପର୍ଯ୍ୟବେଶିତ | ଶିକ୍ଷଣ କୌଶଳ ଓ ପ୍ରସ୍ତୁତି |
| **ବିଧି ଏବଂ ସୂଚକ (Approach)** | ଅଧିକାଂଶ: ବାଖ୍ୟା ଓ ପଦର୍ଶନ, ନିୟନ୍ତ୍ରିତ ସୂଚକ | ଖେଳ ମାଧ୍ୟମରେ ଏବଂ ଆନନ୍ଦ ଦାୟକ ଉପାୟ | କାର୍ଯ୍ୟାବଳୀ ମାଧ୍ୟମରେ ଜ୍ଞାନ ଆହରଣ |
| **ପାଠ୍ୟକ୍ରମ** | ନିର୍ଦ୍ଦିଷ୍ଟ | ବିକାଶାତ୍ମକ | ଉଦ୍‌ଭାସିତ |
| **ମୂଲ୍ୟାଙ୍କନ** | ବସ୍ତୁନିଷ୍ଠ ପରିକ୍ଷଣ | କାର୍ଯ୍ୟାବଳୀ ମାଧ୍ୟମରେ ରଚନାତ୍ମକ ଶିକ୍ଷା | ବିଶୁଦ୍ଧ ମୂଲ୍ୟାଙ୍କନ ଏବଂ ନିଜସ୍ୱ ବିଶ୍ଳେଷାଣାତ୍ମକ |
| **ଅନୁଶାସନ** | ବାଧ୍ୟବାଧକତା | ସକ୍ରିୟ ଓ ଭାଗିଦାରୀ | ନିଜସ୍ୱ-ନିୟନ୍ତ୍ରଣ |



ଟିପ୍ପଣୀ

## ୪.୨.୩ ସହଯୋଗୀ ଶିକ୍ଷଣ (Cooperative Learning)

ସହଯୋଗୀ ଶିକ୍ଷଣର ପ୍ରତିରୂପର ବିକାଶ ସାଧାରଣତଃ ୩ଟି ମୁଖ୍ୟ ନିର୍ଦ୍ଦେଶାତ୍ମକ ଲକ୍ଷ୍ୟ ପାଇଁ ଆରମ୍ଭ ହୋଇଥିଲା ଯଥା :- ଶିକ୍ଷଣୀୟ ଉପଲବ୍ଧି । ବିଭିନ୍ନତାକୁ ଗ୍ରହଣ କରି ସାମାଜିକ ଦକ୍ଷତାର ବିକାଶ ପାଇଁ ଏହା ଏକ ସାମୁହିକ ଶିକ୍ଷଣ ଅଟେ ଯାହାକି ଗଣତାନ୍ତ୍ରିକ ପ୍ରକ୍ରିୟା ଅଟେ । ବ୍ୟକ୍ତିଗତ ଦାୟିତ୍ୱ, ସମାନ ଭୂମିକା ଓ ସାମୁହିକ ପୁରସ୍କାର ଏହା ମଧ୍ୟରେ ନିହିତ ହୋଇଥାଏ । ଆଜିର ଶ୍ରେଣୀକକ୍ଷ ମଧ୍ୟରେ ବିଭିନ୍ନ ପ୍ରକାରର ସହଯୋଗୀ ଶିକ୍ଷଣ କାର୍ଯ୍ୟକଳାପ ଏବଂ ପ୍ରତିରୂପର ବ୍ୟବହାର କରାଯାଉଅଛି ଯଦ୍ୱାରା ଶିକ୍ଷାର୍ଥୀ ସମୂହ ନିଜର ଅନୁଭୂତି ବଣ୍ଟନ, ଜିଜ୍ଞାସା ଏବଂ ସାମୁହିକ ଅନ୍ୱେଷଣ ଭଳି ସମସ୍ତ ସହଯୋଗୀ ଶିକ୍ଷଣ ମଧ୍ୟରେ ବିଶେଷତ୍ୱ ରଖିଥାଏ ଯାହାକି ନିମ୍ନରେ ଦିଆଯାଇଅଛି ।

- ଜ୍ଞାନ ଲାଭରେ ସିଦ୍ଧି ପାଇବା ପାଇଁ ଶିକ୍ଷାର୍ଥୀ ସମୂହ କାର୍ଯ୍ୟ କରନ୍ତି ।
- ସମୂହ ଉଚ୍ଚ, ମଧ୍ୟମ ଓ ନିମ୍ନ ଦକ୍ଷତା ସମ୍ପନ୍ନ ବିଦ୍ୟାର୍ଥୀ ମିଳିମିଶି ଦଳଗତଭାବେ କାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି ।
- ଯେପର୍ଯ୍ୟନ୍ତ ସମ୍ଭବ ହୋଇଥାଏ ସମୂହ ମଧ୍ୟରେ ବିଭିନ୍ନ ଜାତି, ଲିଙ୍ଗ ଏବଂ ସାଂସ୍କୃତିକ ପୃଷ୍ଠଭୂମି ସମ୍ପନ୍ନ ବିଦ୍ୟାର୍ଥୀମାନଙ୍କର ସମ୍ମେଳନ ହୋଇଥାଏ ।
- ପୁରସ୍କାର ପାଇବା ବ୍ୟକ୍ତିଗତ ନହୋଇ ସାମୁହିକ ହୋଇଥାଏ ।

ଶିକ୍ଷଣ ପ୍ରକ୍ରିୟାରୁ ଏହି କଥା ଅନୁଭୂତ ହୋଇଥାଏ ଯେ ସହଯୋଗୀ ଶିକ୍ଷଣ ଶୈକ୍ଷିଣିକ ଉପଲବ୍ଧ, ସହଯୋଗାତ୍ମକ ବ୍ୟବହାର ତଥା ସାଂସ୍କୃତିକ ବିଚାରଧାରା ସହିତ ସମ୍ବନ୍ଧ ଏବଂ ବିକଳାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପ୍ରତି ତାର ସକାରାତ୍ମକ ଦୃଷ୍ଟିକୋଣର ପ୍ରଭାବ ପଡ଼ିଥାଏ । ସହଯୋଗୀ ଶିକ୍ଷଣର ପାଞ୍ଚଟି ପ୍ରମୁଖ ଲକ୍ଷଣ ବା ସଂଜ୍ଞା ରହିଛି (Brown and Ciuffetelli Parker 2009)

**(୧) ସକରାତ୍ମକ ଅନ୍ତ : ନିର୍ଭରତା -**

- ବିଦ୍ୟାର୍ଥୀ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ଭୂମିକାରେ ଅଂଶ ଗ୍ରହଣ କରିବା ସହିତ ନିଜକୁ ସାମୁହିକତାରେ ଅନ୍ତର୍ଭୁକ୍ତ କରିଥାଏ ।
- ସମୂହର ପ୍ରତ୍ୟକ ସଦସ୍ୟଙ୍କ ନିଜସ୍ୱ କାର୍ଯ୍ୟ-ଭୂମିକା /ଦାୟିତ୍ୱ ଥାଏ, ତେବେ ସେମାନଙ୍କୁ ଏପରି ବିଶ୍ୱାସ ରଖିବା ଉଚିତ୍ ଯେ ସେମାନେ ସମୂହର ପ୍ରତି ଦାୟିତ୍ୱବାନ୍ ଅଟନ୍ତି ।

(୨) **ସାମ୍ନା-ସାମ୍ନି କଥୋପକଥନକୁ ଗୁରୁତ୍ୱ -**

- ପ୍ରତ୍ୟେକ ସଦସ୍ୟ ଅନ୍ୟର ସଫଳତା କାମନା କରନ୍ତି ।
- ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ସାଙ୍ଗସାଥି ମାନଙ୍କୁ ଜଣାଇବାକୁ ଚାହାଁନ୍ତି ଯେ କ'ଣ ସେମାନଙ୍କ ଶିକ୍ଷା ଦିଆଯାଇଛି ଏବଂ କ'ଣ ଆଉ ଶିକ୍ଷା ଦିଆଯିବାକୁ ଅଛି । ତଥା ନିଜ ସାଙ୍ଗମାନଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟକୁ ବୁଝିବା ଏବଂ ପୁରା କରିବାରେ ସମ୍ପୂର୍ଣ୍ଣ ସହଯୋଗ ଦେଇଥାନ୍ତି ।

(୩) **ବ୍ୟକ୍ତିଗତ ଦାୟିତ୍ୱ -**

- ପ୍ରତ୍ୟେକ ଶିକ୍ଷାର୍ଥୀକୁ ଦିଆଯାଇଥିବା ଶିକ୍ଷଣରେ ସେ ସିଦ୍ଧହସ୍ତ ହୋଇଥାଏ ।

- ପ୍ରତ୍ୟେକ ବିଦ୍ୟାର୍ଥୀ ନିଜର ଶିକ୍ଷଣ ଓ କାର୍ଯ୍ୟ ପ୍ରତି ଉତ୍ତରଦାୟୀ ରହନ୍ତି ।

(୪) **ସାମାଜିକ କୌଶଳ -**

- ସହଯୋଗୀ ଶିକ୍ଷଣର ସଫଳତା ପାଇଁ ସାମାଜିକ ଦକ୍ଷତାର ବହୁତ ଆବଶ୍ୟକତା ହୋଇଥାଏ ।
- ସାମାଜିକ ଦକ୍ଷତା ମଧ୍ୟରେ ସମ୍ବାଦ, ଅର୍ନ୍ତବ୍ୟକ୍ତିତ୍ୱ ଏବଂ ସାମୁହିକ ଦକ୍ଷତା ସାମିଲ୍ ହୋଇଥାଏ, ଯେପରି

(I) ନେତୃତ୍ୱ କ୍ଷମତା (II) ନିଷ୍ପତ୍ତି ନେବା କ୍ଷମତା

(III) ବିଶ୍ୱାସନୀୟ (IV)ଯୋଗାଯୋଗ (V) ଦ୍ୱନ୍ଦାତ୍ମକ ପରିସ୍ଥିତିର ମୁକାବିଲା କ୍ଷମତା

(୫) **ସାମୂହିକ ପ୍ରକ୍ରିୟାକରଣ -**

ପ୍ରତ୍ୟେକ ସମୂହ ନିଜର ପ୍ରଭାବଶାଳୀ ମୂଲ୍ୟାଙ୍କନ କରିବା ସହିତ ଏହି ନିଷ୍ପତ୍ତି ନେଇଥାନ୍ତି ଯେ କିପରି ଭାବରେ ଏହାକୁ ସୁନ୍ଦର କରିହେବ । ବିଦ୍ୟାର୍ଥୀଙ୍କ ନିଜସ୍ୱ ଅନୁଭୂତିକୁ ଅଧିକ ବିସ୍ତରଶୀଳ କରିବା ପାଇଁ ଦୁଇଟି ବିଶେଷତାର ଆବଶ୍ୟକତା ଅଟେ ।

(କ) ବିଦ୍ୟାର୍ଥୀ ସମୂହଙ୍କର ଲକ୍ଷ୍ୟ ପାଇଁ କାର୍ଯ୍ୟ କରିବା ।

(ଖ) ସଫଳତା ପ୍ରତ୍ୟକ ଶିକ୍ଷାର୍ଥୀର ଶିକ୍ଷଣ କ୍ଷମତା ଉପରେ ନିର୍ଭର କରେ । ସହଯୋଗୀ ଶିକ୍ଷଣ କାର୍ଯ୍ୟ ଏବଂ ପୁରସ୍କାର ପ୍ରାପ୍ତିର ପ୍ରସ୍ତୁତି କଲାବେଳେ ବ୍ୟକ୍ତିଗତ ଦାୟିତ୍ୱ ଓ ଉତ୍ତରଦାୟିତ୍ୱର ଜାଣିବା ଆବଶ୍ୟକ । ବ୍ୟକ୍ତିମାନଙ୍କୁ ନିଜର ଦାୟିତ୍ୱ କ'ଣ ଏବଂ ସମୂହର ଲକ୍ଷ୍ୟ ପ୍ରାପ୍ତି ପାଇଁ ତାଙ୍କର ଯେ ଏକ ନିଶ୍ଚିତ ଉତ୍ତରଦାୟିତ୍ୱ ରହିଛି ଏହାର ଧ୍ୟାନ ରହିବା ଉଚିତ୍ । ସମୂହର କାର୍ଯ୍ୟ ପାଇଁ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ନିଜ ମଧ୍ୟରେ ସକାରତ୍ମକ ଅନ୍ତଃନିର୍ଭରତା ରହିବା ଉଚିତ୍ ଏବଂ ତାଙ୍କର ଶିକ୍ଷଣ ପ୍ରକ୍ରିୟାରେ ଏହାର ସ୍ୱଷ୍ଟତା ଦୃଶ୍ୟ ହେବା ଉଚିତ୍ । ସମୂହ କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ସମୂହର ସମସ୍ତ ସଦସ୍ୟଙ୍କର ସକ୍ରିୟ ଅଂଶଗ୍ରହଣ ହେବା ଆବଶ୍ୟକ ଅଟେ । ଏଥିପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ଅଟେ ଯେ ସମୂହର ପ୍ରତ୍ୟକ ସଦସ୍ୟଙ୍କ ପାଖରେ ଗୋଟିଏ କାର୍ଯ୍ୟକୁ ପୁରା କରିବାର ଦାୟିତ୍ୱ ନେବା ଯେପରି ସମୂହର ଅନ୍ୟ ସଦସ୍ୟଙ୍କ ଦ୍ୱାରା ପୂରଣ ହୋଇନଥିବ ।

**ସହଯୋଗୀ ଶିକ୍ଷଣର ଉପଯୋଗ ପାଇଁ ନିର୍ଦ୍ଦେଶାବଳୀ -**

- ସମୂହର ଆକାରକୁ ୩ କିମ୍ବା ୫ ବିଦ୍ୟାର୍ଥୀ ମଧ୍ୟରେ ସୀମିତ ରଖିବା ଉଚିତ୍ ।
- ସମୂହ ମଧ୍ୟରେ ବିଭିନ୍ନ ଲିଙ୍ଗ, ଜାତି, ତଥା ଶିକ୍ଷଣୀୟ ଯୋଗ୍ୟତା ଥିବା ବିଦ୍ୟାର୍ଥୀଙ୍କୁ ସାମିଲ୍ କରିବା ଉଚିତ୍ ।
- ସମୂହ ମଧ୍ୟରେ ପ୍ରତ୍ୟେକ ସଦସ୍ୟ ଏକ ନିଶ୍ଚିତ କାର୍ଯ୍ୟ, ଦାୟିତ୍ୱ ତଥା ଭୂମିକା ପ୍ରଦାନ କରିବା ଉଚିତ୍, ଯଦ୍ୱାରା ସମୂହର ସଫଳତା ପ୍ରାପ୍ତିରେ ତାର କିଛି ଭୂମିକା ରହିପାରିବ ।
- ସହଯୋଗୀ ଶିକ୍ଷଣର ପ୍ରୟୋଗ ମୂଳତଃ ସମୀକ୍ଷା, ସମୁଦ୍ରୀକରଣ ଏବଂ ଅଭ୍ୟାସ ପାଇଁ କରାଯାଇଥାଏ । ଯାହାକି ସଦସ୍ୟମାନଙ୍କୁ ନିଜ ମଧ୍ୟରେ ସାମଗ୍ରିକୁ ବୁଝିବା ପାଇଁ ଜଣେ ଅନ୍ୟ ଜଣର ସାହାଯ୍ୟ କରିଥାଏ ।
- ସହଯୋଗୀ ଶିକ୍ଷଣର ଯୋଜନା ପ୍ରସ୍ତୁତ ସମୟରେ ଶ୍ରେଣୀ ପ୍ରବନ୍ଧନା ବନ୍ଦୋବସ୍ତ, କାର୍ଯ୍ୟ ସମାଗ୍ରି ଏବଂ ସମୟଜ୍ଞାନ ରଖିବା ଉଚିତ୍ ।
- ବିଦ୍ୟାର୍ଥୀ ମାନଙ୍କୁ ନିଜର ବ୍ୟକ୍ତିଗତ ଅବଦାନ ପାଇଁ ମାନକ ପତ୍ର ପ୍ରଦାନ କରିବା ଉଚିତ୍ ।

ଟିପ୍ପଣୀ

- ସାମୁହିକ ସଫଳତାରେ ବିଦ୍ୟାର୍ଥୀ ମାନଙ୍କୁ ଏକ ସାମୂହିକ ପୁରସ୍କାର ପ୍ରଦାନ କରିବା ଉଚିତ୍ ।
- ସମୂହ ସଦସ୍ୟ ମାନଙ୍କର ପରିବର୍ତ୍ତନ କରିବା ଉଚିତ୍ ଯଦ୍ୱାରା କୌଣସି ବିଦ୍ୟାର୍ଥୀ ଏହା ଅନୁଭବ ନ କରିବା ଉଚିତ୍ ଯେ ସେମାନେ "ଧିମା" ବା slow ସମୂହର ସଦସ୍ୟ ଅଟନ୍ତି ଏବଂ ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ଏପରି ଅବସର ମିଳିବା ଉଚିତ୍ ଯେ ବିଦ୍ୟାଳୟ ବର୍ଷରେ ଶ୍ରେଣୀ ମଧ୍ୟରେ ସମସ୍ତ ବିଦ୍ୟାର୍ଥୀ ମାନଙ୍କ ସହିତ ମିଳିମିଶି କାର୍ଯ୍ୟ କରିବେ ।
- ସହଯୋଗୀ ଶିକ୍ଷଣ ସମୂହକୁ ଅଧିକ ପ୍ରଭାବଶାଳୀ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସହଯୋଗାତ୍ମକ, ସାମାଜିକ ଦକ୍ଷତାକୁ ଶିଖିବା ସହିତ ନୀୟମିତ ଭାବରେ ଏହାକୁ ଏକ ପ୍ରତିରୂପରେ ପରିଣତ କରିବା ପାଇଁ ପୁର୍ନଃବଳନ (Reinfocement) ଯୋଗାଇବା ଉଚିତ୍ । ସହଯୋଗୀ ଶିକ୍ଷଣରେ ଶିକ୍ଷକଙ୍କ ଭୂମିକାର ବିଭିନ୍ନ ସାରଣୀ / ଟେବୁଲ୍ ନଂ ୪.୨ରେ ତଳେ ବର୍ଣ୍ଣନା କରାଯାଇଅଛି –

**ସାରଣୀ ୪.୨ ସହଯୋଗୀ ଶିକ୍ଷଣରେ ଶିକ୍ଷକଙ୍କ ଭୂମିକା –**

| ପର୍ଯ୍ୟାୟ | ଶିକ୍ଷକଙ୍କ ଭୂମିକା |
|---|---|
| ପର୍ଯ୍ୟାୟ- ୧ ଲକ୍ଷ୍ୟ ଓ ଶିକ୍ଷଣର ପ୍ରସ୍ତୁତି | ଶିକ୍ଷକ ପାଠର ମହତ୍ତ୍ୱ ବୁଝାନ୍ତି ଏବଂ ଶିକ୍ଷଣୀୟ ପରିବେଶକୁ ସ୍ଥାପନ ବା ପ୍ରସ୍ତୁତ କରାନ୍ତି । |
| ପର୍ଯ୍ୟାୟ- ୨ ସୂଚନା ପ୍ରସ୍ତୁତି | ଶିକ୍ଷକ ବିଦ୍ୟାର୍ଥୀ ମାନଙ୍କୁ ମୌଖିକ କିମ୍ବା ଲିଖିତ ରୂପରେ ସୂଚନା ଉପଲବ୍ଧ କରାଇଥାନ୍ତି । |
| ପର୍ଯ୍ୟାୟ-୩ଶିକ୍ଷଣ ଦଳ ପାଇଁ ବିଦ୍ୟାର୍ଥୀ ସଙ୍ଗଠନ | ଶିକ୍ଷକ ଶିକ୍ଷାର୍ଥୀ ମାନଙ୍କୁ ସାମୂହିକ ଶିକ୍ଷଣ କିପରି ତିଆରି କରିବା ସହିତ ପ୍ରଭାବଶାଳୀ ରୂପାନ୍ତରଣ ପାଇଁ ସହଯୋଗ କରିଥାନ୍ତି । |
| ପର୍ଯ୍ୟାୟ-୪ସାମୁହିକ କାର୍ଯ୍ୟ ଏବଂ ଶିକ୍ଷଣରେ ସହଯୋଗ | ଶିକ୍ଷକ ଶିକ୍ଷଣ ସମୂହକୁ ନିଜର ସହଯୋଗ /ସାହାଯ୍ୟ କରିଥାନ୍ତି । |
| ପର୍ଯ୍ୟାୟ-୫ ସାମଗ୍ରୀ ପରୀକ୍ଷା | ଶିକ୍ଷକ ଶିକ୍ଷଣ ସାମଗ୍ରି ସମ୍ବନ୍ଧିତ ଜ୍ଞାନସୂଚୀ ପ୍ରସ୍ତୁତ କରନ୍ତି କିମ୍ବା ସମୂହ ନିଜର କାର୍ଯ୍ୟର ପରିଣାମ ନିଜେ ପ୍ରସ୍ତୁତ କରନ୍ତି । |
| ପର୍ଯ୍ୟାୟ-୬ ସୀକୃତି ପ୍ରଦାନ | ଶିକ୍ଷକ ବ୍ୟକ୍ତିଗତ ଭାବରେ କିମ୍ବା ସାମୂହିକ ପ୍ରଚେଷ୍ଟା ଦ୍ୱାରା ସ୍ୱୀକୃତି ପ୍ରଦାନ ହୋଇଥିବା ପାରଙ୍ଗମତାକୁ ସ୍ୱୀକୃତି ଦେଇଥାନ୍ତି । |

**ସହଯୋଗୀ ଶିକ୍ଷଣର ସୁବିଧା ଓ ସୀମିତତା –**

ସହଯୋଗୀ ଶିକ୍ଷଣ ଉପରେ କରାଯାଇଥିବା ଅନ୍ୱେଷଣ କାର୍ଯ୍ୟରେ ଏହାର ସକାରାତ୍ମକ ପରିଣାମ ପଦର୍ଶିତ ହୋଇଥାଏ । ସହଯୋଗୀ ଶିକ୍ଷଣରେ ଶିକ୍ଷାର୍ଥୀ ମାନଙ୍କର ସାମୂହିକ କ୍ରିୟାକଳାପ ପଦର୍ଶିତ ହେବାର ଆବଶ୍ୟକତା ହୋଇଥାଏ ଯେଉଁଥିରେ ଶିକ୍ଷଣର ବୃଦ୍ଧି ହୋଇଥାଏ ଏବଂ ଅନ୍ୟ ସମସ୍ତ ମହତ୍ତ୍ୱପୂର୍ଣ୍ଣ ଶିକ୍ଷଣ ସାମିଲ୍ ହୋଇଥାନ୍ତି । ସକାରାତ୍ମକ ଶିକ୍ଷଣ ପରିଣାମରେ ସାମିଲ୍ ହୋଇଥାଏ – ଶିକ୍ଷଣିକ ଲାଭ, ଅତ୍ୟଧିକ ଅର୍ନ୍ତବ୍ୟକ୍ତିତ୍ୱ ସମ୍ବନ୍ଧ ଏବଂ ବ୍ୟକ୍ତିଗତ ଓ ସାମାଜିକ ବିକାଶରେ ବୃଦ୍ଧି । ଶିକ୍ଷଣରେ କିଛି ପ୍ରମୁଖ ଲାଭ ବା ସୁବିଧା ଅଛି ଯାହାକି ବ୍ୟାପକ ଭାବରେ ଅନ୍ୱେଷଣ ପ୍ରକ୍ରିୟାକୁ ଉଦ୍‌ଭାସିତ କରିଥାଏ–

ଟିପ୍ପଣୀ

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

- ବିଦ୍ୟାର୍ଥୀ ଶିକ୍ଷଣ ଉପଲବଧି ପ୍ରଦର୍ଶନ କରିଥାନ୍ତି ।
- ସହଯୋଗୀ ଶିକ୍ଷଣର ବିଧି ପ୍ରାୟତଃ ସମସ୍ତ କ୍ଷମତାର ସ୍ତର ଉପରେ ସମାନ ଭାବରେ ପ୍ରଭାବକାରୀ ହୋଇଥାଏ ।
- ସହଯୋଗୀ ଶିକ୍ଷଣ ସମସ୍ତ ପ୍ରକାର ସମୂହ ପାଇଁ ପ୍ରଭାବକାରୀ ହୋଇଥାଏ ।
- ଯେତେବେଳେ ବିଦ୍ୟାର୍ଥୀ ମାନଙ୍କୁ ଜଣେ ଅନ୍ୟ ସହିତ କାମ କରିବାର ସୁଯୋଗ ଦିଆଯାଇଥାଏ ସେତେବେଳେ ସେମାନେ ଜଣେ ଅନ୍ୟ ଜଣକୁ ବହୁତ ଭଲ ଭାବରେ ବୁଝିବା ଦରକାର ।
- ସହଯୋଗୀ ଶିକ୍ଷଣ ଶିକ୍ଷାର୍ଥୀର ଆତ୍ମ-ସମ୍ମାନ ଏବଂ ସ୍ୱ-ଅବଧାରଣାର ବୃଦ୍ଧି କରିଥାଏ ।
- ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ଜାତି, ଲିଙ୍ଗ, ସାମାଜିକତା ଏବଂ ଶାରିରୀକ ବିକଳାଙ୍ଗତା କାରଣରୁ ଯେଉଁ ସବୁ ଅସମାନତା ଦେଖାଦିଏ ସେ ସମସ୍ତ ବାଧା ସହଯୋଗୀ ଶିକ୍ଷଣ ପ୍ରକ୍ରିୟାରେ ପ୍ରାୟତଃ ଦେଖାଯାଇଥାଏ ତାହା ସକରାତ୍ମକ ଭାବ ବିନିମୟ(Interaction ) ଏବଂ ମିତ୍ରତ ଦ୍ୱାରା ଦୁର ହୋଇଯାଇଥାଏ ।

ତଥାପି ସହଯୋଗୀ ଶିକ୍ଷଣର ଅନେକ ଗୁଡ଼ିଏ ପ୍ରତିବନ୍ଧକ ରହିଥାଏ ସେହି କାରଣରୁ ଏହି ପ୍ରକ୍ରିୟା ବ୍ୟବହାର କଲାବେଳେ ବିଭିନ୍ନ ଜଟିଳତା ଦେଇ ଗତିକରେ । ସହଯୋଗୀ ଶିକ୍ଷଣରେ ବାରମ୍ବାର ପରିବର୍ତ୍ତନ ପ୍ରବତ୍ତନ କାରଣରୁ ଶିକ୍ଷକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ଏଥିପାଇଁ ସେ ଶିକ୍ଷାର୍ଥୀ ମାନଙ୍କର ବୁଝିବାରେ ଅସୁବିଧାର ସାମ୍ନା କରିବାକୁ ହୁଏ । ଏଥିପାଇଁ ନିପୁଣତା ହାସଲ କରିବା ପାଇଁ ଦୁର୍ବଳ ବିଦ୍ୟାର୍ଥୀମାନଙ୍କ ଯୋଗୁ ପ୍ରଗତି ବାଧାପ୍ରାପ୍ତ ହୁଏ । ତଦ୍ୱାରା ଶିକ୍ଷାର୍ଥୀ ସମୂହରେ ଉପେକ୍ଷିତ ଓ ତିରସ୍କୃତ ହେବା ଅନୁଭବ କରେ ।

**E - 9 – ସହଯୋଗୀ ଶିକ୍ଷଣ କିପରି ଭାବରେ ଶିକ୍ଷାର୍ଥୀଙ୍କର ଆତ୍ମ-ବିଶ୍ୱାସକୁ ବଢ଼ାଇଥାଏ ।**

### ୪.୨.୪ ସହଭାଗୀ ଶିକ୍ଷଣ(Collaborative Learning)

ସହଭାଗୀ ଶିକ୍ଷଣ ସହଯୋଗୀ ଶିକ୍ଷଣ ଠାରୁ ଅଧିକ ସାମାନ୍ୟକୃତ ଶିକ୍ଷଣ ଅଟେ । ଏହି ଶିକ୍ଷଣରେ ଦୁଇ କିମ୍ବା ତାଠାରୁ ଅଧିକ ବ୍ୟକ୍ତି ଏକାଠି ଶିଖିବା ତଥା ଏକ ସମୟରେ ଶିଖିବା ପାଇଁ ସୁଯୋଗ ଦେଇଥାଏ । ବ୍ୟକ୍ତିଗତ ଶିକ୍ଷଣ ଠାରୁ ଭିନ୍ନ ଏହି ଶିକ୍ଷଣ ପନ୍ଥାରେ ବ୍ୟକ୍ତି ଅନ୍ୟଠାରୁ ଦକ୍ଷତା ଓ ଅନ୍ୟାନ୍ୟ ଉତ୍ସଠାରୁ ଶିକ୍ଷାଲାଭ କରେ ।(ଯେପରି ସମ୍ବାଦ ପାଇଁ ଜଣେ ଅନ୍ୟ ଜଣଙ୍କ ଠାରୁ ପଚାରି, ଅନ୍ୟର ବିଚାରକୁ ମୂଲ୍ୟାୟନ ଏବଂ ଅନ୍ୟର କାର୍ଯ୍ୟକୁ ନିରୀକ୍ଷଣ କରି)

ବିଶେଷତଃ କହିବାକୁ ଗଲେ ସହଭାଗୀ ଶିକ୍ଷଣର ବ୍ୟକ୍ତିତ୍ୱ ମାନଙ୍କ ସମୂହରେ ପରସ୍ପର ମଧ୍ୟରେ ସୃଜନାତ୍ମକଜ୍ଞାନ ଦ୍ୱାରା ପାରସ୍ପରିକ ଅନ୍ତଃକ୍ରିୟା, ଅନୁଭୂତିକୁ ବାଣ୍ଟିବା, ତଥା ସକ୍ରିୟ ଭୂମିକା ତୁଲାଇ କାର୍ଯ୍ୟ କରିଥାନ୍ତି । ଏହିପରି ସହଭାଗୀ ଶିକ୍ଷଣ, ଏପରି ଏକ ଶିକ୍ଷଣ ପନ୍ଥା ଯଦ୍ୱାରା ଶିକ୍ଷକ ଏବଂ ଶିକ୍ଷାର୍ଥୀ ଦୁଇଜଣଙ୍କ ମିଳିତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ ସମସ୍ୟାର ଅନ୍ୱେଷଣ କରିବା ସହିତ କୌଣସି ଅର୍ଥପୂର୍ଣ୍ଣ ପ୍ରୋଜେକ୍ଟ ତିଆରି କରିଥାନ୍ତି ।

(୧) ଉଦାହରଣ – ଏହା ଏକ ଶିକ୍ଷଣ ଉପାୟ ଯେଉଁଥିରେ ଶିକ୍ଷାର୍ଥୀ ଶିକ୍ଷକଙ୍କଏକ ସଙ୍ଗରେ ଶିକ୍ଷଣ ପ୍ରକ୍ରିୟାରେ ସହଭାଗୀତା ମାଧ୍ୟମରେ ନୂଆ ଜ୍ଞାନ ଆହରଣ କରିବା ସମ୍ଭବ ହୋଇଥାଏ ।



ଟିପ୍ପଣୀ

(୨) ବିଭିନ୍ନ ବିଦ୍ୟାଳୟର ଶିକ୍ଷାର୍ଥୀ ଇଣ୍ଟରନେଟ୍ ମାଧ୍ୟମରେ ଦିଆଯାଇଥିବା କାର୍ଯ୍ୟ ସମ୍ପନ୍ନ କରିବା । ଏହି ଦୁଇଟି ସହଭାଗୀ ଶିକ୍ଷଣର ଉଦାହରଣ ।

ଅନ୍ୟ ଅର୍ଥରେ ସହଭାଗୀ ଶିକ୍ଷଣର ବାଖ୍ୟା ହେଲା -

ଏହା ଏକ ପ୍ରକାର ଶିକ୍ଷଣ ପ୍ରକ୍ରିୟା ଯାହାକି ଏକ ସ୍ୱଷ୍ଟ ବାତାବରଣରେ , ଯେଉଁଠାରେ ଶିକ୍ଷାର୍ଥୀ କୌଣସି ନା କୌଣସି ସ୍ୱାଧୀନ କାର୍ଯ୍ୟ ସଂପାଦାନ କରିବା ସମ୍ଭବ ହୁଏ । ଯେଉଁଠାରେ ପ୍ରତ୍ୟକ ଶିକ୍ଷାର୍ଥୀ ଜଣେ ଅନ୍ୟଜଣଙ୍କୁ ଖୋଜନ୍ତି କିମ୍ବା ତାଙ୍କ ପ୍ରତି ଉତ୍ତରଦାୟୀ ରହିଥାନ୍ତି ।

ଏହି ଶିକ୍ଷଣ ବିଧିରେ କମ୍ପ୍ୟୁଟରକୁ ବ୍ୟବହାର କରି ସାମ୍ନାସାମ୍ନି କଥାବାର୍ତ୍ତା କରିପାରନ୍ତି (ଯେପରି ଅନ୍‌ଲାଇନ୍ ଫର୍ମ, ଚାଟ୍ ଘର) ସହଭାଗୀ ଶିକ୍ଷଣ ପ୍ରକ୍ରିୟାର ପରୀକ୍ଷଣରେ ସମ୍ବାଦ ବିଶ୍ଳେଷଣ ଏବଂ ସାଂଖିକ ବାଖ୍ୟାନର ବିଶ୍ଳେଷଣ ସାମିଲ୍ ହୋଇଥାଏ ।

ସହଭାଗୀ ଓ ସହଯୋଗୀ ଶିକ୍ଷଣ ପରମ୍ପରାଗତ ଶିକ୍ଷଣ ପନ୍ଥା ଠାରୁ ଭିନ୍ନ ହୋଇଥାଏ । ଏଠାରେ ଶିକ୍ଷାର୍ଥୀ ବ୍ୟକ୍ତିଗତ ରୂପରେ ଜଣେ ଅନ୍ୟଜଣଙ୍କର ପ୍ରତିରୋଧ ନ କରି ବରଂ ମିଳିମିଶି କାର୍ଯ୍ୟ କରିଥାନ୍ତି । ସହଯୋଗୀ ଏବଂ ସହଭାଗୀ ଶିକ୍ଷଣ ମଧ୍ୟରେ ସୁକ୍ଷ୍ମାତିସୂକ୍ଷ୍ମ ପାର୍ଥକ୍ୟ ଦେଖାଯାଇଥାଏ ।

- ସହଭାଗୀ ଶିକ୍ଷଣ ଯେକୌଣସି ପରିସ୍ଥିତିରେ ମଧ୍ୟ ସଙ୍ଗଠିତ ହୋଇପାରିବ । ଉଦାହରଣ- ଗୃହକାର୍ଯ୍ୟ ସହଯୋଗ ଭିତ୍ତିରେ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସଂପାଦିତ ହେବା ଅନ୍ୟ ପକ୍ଷରେ ସହଯୋଗୀ ଶିକ୍ଷଣ ସେତେବେଳେ ସଂଘଟିତ ହୁଏ ଯେତେବେଳେ ଶିକ୍ଷାର୍ଥୀ ଗୋଟିଏ ସ୍ଥାନରେ ମିଳିତ ଭାବରେ ଯେକୌଣସି କ୍ଷୁଦ୍ର ପ୍ରୋଜେକ୍ଟ ଉପରେ କ୍ଷୁଦ୍ର ସାଙ୍ଗଠନିକ ଭାବବିନିମୟ ମାଧ୍ୟମରେ କାର୍ଯ୍ୟ କରିଥାନ୍ତି ।
- ସହଭାଗୀ ଶିକ୍ଷଣ ଅଧିକ ଗୁଣାତ୍ମକ ଶିକ୍ଷଣ ଅଟେ ଯେଉଁଥିରେ ଶିକ୍ଷାର୍ଥୀଙ୍କ ଯୋଗଦାନ ସାହିତ୍ୟର ଯେକୌଣସି ଅଂଶ କିମ୍ବା ଇତିହାସର ମୁଖ୍ୟ ବିଷୟ ଉପରେ ବିଶ୍ଳେଷଣ କରିଥାଏ । ଅନ୍ୟ କ୍ଷେତ୍ରରେ ସହଯୋଗୀ ଶିକ୍ଷଣ ପରିମାଣାତ୍ମକ ନିୟମର ପ୍ରୟୋଗ ହୋଇଥାଏ । ଯାହାକି ଶିକ୍ଷଣର ଉତ୍ପାଦ ଉପରେ ଉପଲବ୍ଧ କରାଇଥାଏ ।
- ସହଭାଗୀ ଶିକ୍ଷଣରେ ଥରେ କାର୍ଯ୍ୟ ନିର୍ଦ୍ଧାରିତ ହେଲା ପରେ ଏହା ସମ୍ପୂର୍ଣ୍ଣ କରାଯାଏ । ଶିକ୍ଷକ ସମସ୍ତ ଅଧିକାର ଶିକ୍ଷାର୍ଥୀ ଦଳଙ୍କୁ ହସ୍ତାନ୍ତର କରି ଦିଅନ୍ତି । ଏହା ସଙ୍ଗଠନ ଉପରେ ଦାୟିତ୍ୱ ଥାଏ କିପରି ଭାବରେ ମିଳିମିଶି କାର୍ଯ୍ୟ ସମାପ୍ତ କରିବା ତାହା ଶିକ୍ଷାର୍ଥୀ ଦଳ ଉପରେ ନିର୍ଭର କରେ ।

  ସହଯୋଗୀ ଶିକ୍ଷଣରେ କାର୍ଯ୍ୟ କରିବାର ଅଧିକାର ଶିକ୍ଷକଙ୍କ ପାଖରେ ଥାଏ । ତଥା ଶିକ୍ଷକ ସମସ୍ୟା ସମାଧାନ କରିବା ପାଇଁ ଶିକ୍ଷାର୍ଥୀ ଦଳଙ୍କୁ ନିଜର ଉପଦେଶ, ନିର୍ଦ୍ଦେଶ ତଥା ମତାମତ ଦେଇଥାନ୍ତି ।
- ସହଭାଗୀ ଶିକ୍ଷଣ ବାସ୍ତବରେ ବିଦ୍ୟାର୍ଥୀ ମାନଙ୍କୁ ସଶକ୍ତ କରାଏ, ଯାହାକି ସହଯୋଗୀ ଶିକ୍ଷଣରେ ଏପରି ନଥାଏ । ଏହି କାରଣରୁ ସହଯୋଗି ଶିକ୍ଷଣରେ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷକଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ପଡ଼ିଥାଏ ଏବଂ ସତ୍ୟ ଓ ସ୍ୱୀକାର୍ଯ୍ୟ ଉତ୍ତର ଦେବାକୁ କୁହାଯାଇଥାଏ ।

ଟିପ୍ପଣୀ

- ଶିକ୍ଷା କ୍ଷେତ୍ରରେ ସହଯୋଗିତା, ଶିକ୍ଷକ, ଶିକ୍ଷାର୍ଥୀ ଏବଂ ପାଠ୍ୟକ୍ରମ ମଧ୍ୟରେ ଥାଏ । ଶିକ୍ଷାର୍ଥୀଙ୍କୁ ସମସ୍ୟାର ସମାଧାନ କର୍ତ୍ତା ରୂପରେ ଦେଖାଯାଇଥାଏ । ଏବଂ ସମସ୍ୟା ସମାଧାନ ଓ ଅନ୍ୱେଷଣ ଶିକ୍ଷଣକୁ ସୃଜନାତ୍ମକ ଦକ୍ଷତା ଉପରେ ପ୍ରୟୋଗ କରାଯାଏ । ଏହି ପନ୍ଥା ଶିକ୍ଷଣକୁ ଏକ କଥାବାର୍ତ୍ତା (Negotiation) କରିବାର ମାଧ୍ୟମ ରୂପରେ ଦେଖାଯାଇଥାଏ ଯେଉଁଠାରେ ଅଧ୍ୟାପକ ଓ ବିଦ୍ୟାର୍ଥୀ ଉଭୟ ପାଠ୍ୟକ୍ରମକୁ ଶିଖିଥାନ୍ତି ତଥା ବାହାର ଜଗତ ସମ୍ବନ୍ଧରେ ଗୋଟିଏ ସଂଜ୍ଞା ଦୃଷ୍ଟିକୋଣର ବିକାଶ କରିଥାନ୍ତି । ସହଯୋଗୀ ଶିକ୍ଷଣ ମୂଳତଃ ଜ୍ଞାନରେ ପରିପକ୍ୱତା ହାସଲ କରିବାର ଶେଷ କୌଶଳ ପଦର୍ଶିତ କରିଥାଏ । ଥରେ ଯଦି ଶିକ୍ଷାର୍ଥୀ ଜଣେ ଅନ୍ୟ ଜଣ ସହିତ ଭଲ ଭାବରେ ପରିଚିତ ହୋଇଯାଏ ତେବେ ସେ ସହଯୋଗ ପାଇଁ, ମୂଲ୍ୟାଙ୍କନ ପାଇଁ ପ୍ରସ୍ତୁତ ହୋଇଯାଏ ।

**ସହଭାଗୀ ଶିକ୍ଷଣର ଲାଭ –**

- **ବିଭିନ୍ନତାର ସମାରୋହ : -** ଶିକ୍ଷାର୍ଥୀ ସମସ୍ତ ପ୍ରକାର ବ୍ୟକ୍ତିମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥାଏ । ତାକୁ ଚିନ୍ତା କରିବା ପାଇଁ ବହୁତ ଅବସର ମିଳିଥାଏ ତଥା ପଚାରାଯାଉଥିବା ପ୍ରଶ୍ନମାନଙ୍କୁ ସାଙ୍ଗସାଥି ମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥାଏ । କ୍ଷୁଦ୍ର ସଙ୍ଗଠନରେ ଶିକ୍ଷାର୍ଥୀ ମାନଙ୍କୁ କୌଣସି ପ୍ରକାରର ବିଭିନ୍ନତା ଆଧାରରେ ନିଜର ଦୃଷ୍ଟିକୋଣ ରଖିବାକୁ ସୁଯୋଗ ଦିଆଯାଇଥାଏ । ଏହିପରି ଆଦାନ ପ୍ରଦାନରେ ନିଶ୍ଚିନ୍ତ ଭାବରେ ଶିକ୍ଷାର୍ଥୀ ମାନଙ୍କୁ ଅନ୍ୟର ସଂସ୍କୃତି ଏବଂ ଦୃଷ୍ଟିକୋଣକୁ ବହୁତ ଭଲ ଭାବରେ ବୁଝିବାରେ ସହାୟତା କରିଥାଏ ।
- **ବ୍ୟକ୍ତିଗତ ଭିନ୍ନତାକୁ ସ୍ୱୀକୃତୀ :-** ଯେତେବେଳେ ପ୍ରଶ୍ନ ପଚରାଯାଏ ସେତେବେଳେ ଅଲଗା ଅଲଗା ଶିକ୍ଷାର୍ଥୀଙ୍କ ପାଖରୁ ବିଭିନ୍ନ ପ୍ରକାରର ଉତ୍ତର ମିଳିଥାଏ । ପ୍ରତ୍ୟେକ ଉତ୍ତର ସଙ୍ଗଠନକୁ ଏପରି ଏକ ଉତ୍ପାଦ ପ୍ରସ୍ତୁତ କରିବାର ସାହାଯ୍ୟ କରିଥାଏ ଯାହାକି ବ୍ୟାପକ ଭାବରେ ଭିନ୍ନ ଦୃଷ୍ଟିକୋଣକୁ ପ୍ରଦର୍ଶିତ କରିଥାଏ ଏବଂ ଏହିପରି ଅଧିକ ପୂର୍ଣ୍ଣ ଓ ବ୍ୟାପକ ହୋଇଥାଏ ।
- **ଅର୍ନ୍ତନିହିତ ବ୍ୟକ୍ତିତ୍ୱର ବିକାଶ** :- ଶିକ୍ଷାର୍ଥୀ ନିଜର ସାଙ୍ଗସାଥି ଏବଂ ଅନ୍ୟ ଶିକ୍ଷାର୍ଥୀଙ୍କ ସହିତ ସଙ୍ଗଠନରେ କାର୍ଯ୍ୟ କରିବା ସମୟରେ ନିଜକୁ ନିଜେ ଶିଖିଥାଏ । ସେ ଅନ୍ୟ ଶିକ୍ଷାର୍ଥୀ ମାନଙ୍କ ପାଇଁ ବିଶେଷ କରି ସହାୟକ ହୋଇଥାଏ ଯେଉଁଠାରେ ସାମାଜିକ ଦକ୍ଷତାର ଅଭାବ ହୋଇଥାଏ । ସେ ଅନ୍ୟ ମାନଙ୍କ ସହିତ ସଂରଚିତ ଅନ୍ତଃକାର୍ଯ୍ୟ କରି ତାର ସୁଫଳ ପାଇଥାଏ ।
- **ଶିକ୍ଷଣରେ ଶିକ୍ଷାର୍ଥୀ ମାନଙ୍କର ସକ୍ରିୟ ଅଂଶଗ୍ରହଣ :-**

  କ୍ଷୁଦ୍ର ଶିକ୍ଷାର୍ଥୀ ଦଳରେ ପ୍ରତ୍ୟକ ସଦସ୍ୟଙ୍କ ପାଖରେ ନିଜର ଯୋଗଦାନ ଦେବା ପାଇଁ ସମୟ ମିଳିଥାଏ । ଶିକ୍ଷାର୍ଥୀ ନିଜର ସାମଗ୍ରିମାନଙ୍କୁ ଅଧିକା ନିଜର ମାନିଥାଏ ତଥା ଦଳଗତ କାର୍ଯ୍ୟ କରିବା ସମୟରେ ବିଭିନ୍ନ ସମସ୍ୟା ଉପର ଗଭୀର ବିଚାର ବିମର୍ଷ କରିଥାଏ ।
- **ବ୍ୟକ୍ତିଗତ ମତାମତର ସମ୍ପୂର୍ଣ୍ଣ ସୁଯୋଗ :-**

  କ୍ଷୁଦ୍ର ସଙ୍ଗଠନରେ ଭାବର ଆଦାନ-ପ୍ରଦାନ ପାଇଁ ଅଧିକ ସୁଯୋଗ ଉପଲବ୍ଧ ହେବା କାରଣରୁ ଶିକ୍ଷାର୍ଥୀ ନିଜର ବିଚାର ଓ ଉତ୍ତର ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ମତାମତ ଦେବାର ଅଧିକାର ପାଇଥାଏ । ବଡ଼



ଟିପ୍ପଣୀ

ଶିକ୍ଷାର୍ଥୀ ଦଳରେ ଏହିପରି ମତାମତ ପ୍ରାୟତଃ ସମ୍ଭବ ହୋଇନଥାଏ । ଏଠାରେ ଜଣେ କିମ୍ବା ଦୁଇଜଣ ବିଦ୍ୟାର୍ଥୀ ନିଜର ବିଚାରକୁ ଆଦାନ ପ୍ରଦାନ କରିଥାଏ । ଅନ୍ୟ ସମସ୍ତ ଶିକ୍ଷାର୍ଥୀ ଶୁଣିଥାନ୍ତି ।

**E - 10** ସହଯୋଗୀ ଏବଂ ସହଯୋଗାତ୍ମକ ଜଣେ ମଧ୍ୟରେ ଦୁଇଟି ପାର୍ଥକ୍ୟ ବର୍ଣ୍ଣନା କର ।

## ୪.୩ ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥା :-

**ଶିକ୍ଷଣ କାର୍ଯ୍ୟ** କ'ଣ ? ଏହା କ'ଣ ଶିକ୍ଷାର୍ଥୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ? ଶିକ୍ଷଣ ଭିତ୍ତିକ କାର୍ଯ୍ୟ ପନ୍ଥା ଶ୍ରେଣୀରେ ଶିକ୍ଷାର୍ଥୀ ମାନଙ୍କ ଅପେକ୍ଷା ଆପଣଙ୍କ ଭୂମିକା କମ୍ ହୋଇଥାଏ ? ଏହିପରି ପ୍ରଶ୍ନ ଆପଣଙ୍କ ମସ୍ତିଷ୍କରେ ଆସିଥାଏ ।

ଆମେ ଜାଣିଛେ ଯେ ଶିକ୍ଷଣ-ପ୍ରକ୍ରିୟାର ତିନୋଟି ମୁଖ୍ୟ ତତ୍ତ୍ୱ ଅଛି । ଶିକ୍ଷକ, ଶିକ୍ଷାର୍ଥୀ, ବିଷୟ କିମ୍ବା ପାଠ୍ୟକ୍ରମରେ ସମ୍ମିଳିତ ଅନୁଭୂତି ଆପଣମାନେ ଆଗରୁ ଆଲୋଚନା କରିଛନ୍ତି ଯେ ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣ, ଶିକ୍ଷଣ ପ୍ରକ୍ରିୟା ପାଇଁ ଅଧିକ ଉପଯୁକ୍ତ ଅଟେ । ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣରେ ଶିକ୍ଷାର୍ଥୀର ଆବଶ୍ୟକତା, ରୁଚି, ମାନସିକ ଦକ୍ଷତା ଏବଂ ସାମାଜିକ ସଂଦର୍ଭର ଧ୍ୟାନ ଦିଆଯାଇଥାଏ । **ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥା** ଶିକ୍ଷଣରେ ସେହି ଶିକ୍ଷାର୍ଥୀକୁ ଜ୍ଞାନ / ଗୁରୁତ୍ୱ ଦିଆଯାଇଥାଏ ଯିଏ ନିଜ ପରିବେଶରେ କ୍ରିୟାକଳାପରେ ସଂଲଗ୍ନ ରହି ନୂଆ ଜ୍ଞାନ ପ୍ରାପ୍ତ କରିଥାଏ ।

## ୪.୩.୧. ଶିକ୍ଷଣ କାର୍ଯ୍ୟ ଏବଂ ଏହାର ଉପାଦାନ :-

ଯଦିଓ ଆମେ ସମସ୍ତ ଶିକ୍ଷଣ ପ୍ରକ୍ରିୟା ସହିତ ପରିଚିତ ଅଛନ୍ତି । କାର୍ଯ୍ୟକଳାପ ବିଷୟରେ ଆମର ଦୃଷ୍ଟିକୋଣ ଭିନ୍ନ ଭିନ୍ନ ଅଟେ । କାର୍ଯ୍ୟ-କଳାପ ଶିକ୍ଷଣ ବିଷୟରେ କିଛି ସାମାନ୍ୟ ଦୃଷ୍ଟିକୋଣ ନିମ୍ନରେ ଦିଆଯାଇଅଛି :-

- ଗୀତ ଗାଇବା, ନାଚିବା, ଦାୟିତ୍ୱ ନେବା, କାହାଣି କହିବା, ଏକକ ଅଭିନୟ ଇତ୍ୟାଦି ।
- ଯାହା ଆନନ୍ଦ-ଦାୟକ ତାହା କାର୍ଯ୍ୟ ମାଧ୍ୟମରେ କ୍ରିୟାକଳାପ ଶିକ୍ଷଣ ।
- କ୍ରିୟା-କଳାପ ବହୁତ ଶାରିରୀକ କାର୍ଯ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଏ ।
- ପ୍ରତ୍ୟେକ କ୍ରିୟା-କଳାପ ଶିକ୍ଷଣରେ ଶିକ୍ଷଣ ସାମଗ୍ରୀ ରହିବା ଦରକାର ।

**ପରିସ୍ଥିତି ୪:- ଶ୍ରୀମତି ବିଦ୍ୟା** ଜଣେ ଶିକ୍ଷୟତ୍ରୀ ପିଲାମାନଙ୍କଠାରୁ କିଛି ପେପର୍, ଦିଆସିଲ୍, ଅଠା ଏବଂ କଇଁଚି ଆଣିଲେ । ନିଜ ଶ୍ରେଣୀରେ ସେ ମାଗିଥିବା ସମସ୍ତ ଜିନିଷ ପିଲାମାନେ ଆଣିଛନ୍ତି କି ନାହିଁ, ଯାଞ୍ଚ କଲେ କଳାପଟା ଉପରେ ଏକ ଚେୟାର୍‌ର ଚିତ୍ର ତିଆରି କରି ପିଲାମାନଙ୍କୁ କହିଲେ ଏହି ଚିତ୍ରକୁ ଦେଖି ତୁମେମାନେ ଆଣିଥିବା ସମସ୍ତ ଜିନିଷର ବ୍ୟବହାର କରି ଗୋଟିଏ ଚେୟାର୍‌ର ମଡ୍‌େଲ / ରୂପାନ୍ତର ପ୍ରସ୍ତୁତ କର ।

ଯେତେବେଳେ ଶିକ୍ଷାର୍ଥୀ ନିଜ ନିଜ ଅନୁଯାୟୀ ଚେୟାରର ପ୍ରତିରୂପ ତିଆରିରେ ଲାଗି ରହିଥିଲେ ସେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ କରିବାରେ ସହଯୋଗ କରୁଥିଲେ ସେ ମଧ୍ୟ ଶ୍ରେଣୀରେ ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ଅନୁଶାସନ ରଖିବା ପାଇଁ ନଜର ରଖିଥିଲେ ତଥା କାହା ସହିତ କଥାବାର୍ତ୍ତା ନ କରି ନିଜ କାର୍ଯ୍ୟରେ ଧ୍ୟାନ ଦେବା ପାଇଁ କହୁଥିଲେ । ସେ ସେହି ପିଲାମାନଙ୍କୁ ପ୍ରଶଂସା କଲେ ଯେଉଁମାନେ ସମୟ ମଧ୍ୟରେ ପ୍ରତିରୂପ ତିଆରି କରିଥିଲେ ।



ଟିପ୍ପଣୀ

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

ଆସନ୍ତୁ ଦୁଇଟି ପରିସ୍ଥିତି ଉପରେ ଅବଲୋକନ କରିବା ଯଦ୍ୱାରା କ୍ରିୟା-କଳାପ କରାଯାଇଥାଏ :-

**ପରିସ୍ଥିତି ୫ :-** **ବିନିୟ** ଜଣେ ଗଣିତ ଶିକ୍ଷକ । ଶ୍ରେଣୀ ମଧ୍ୟରେ ସେ ଗଣିତ ପଢ଼ାଇବା ପାଇଁ ପ୍ରସ୍ତୁତ ହୋଇ ଆସିଲେ । ସେ ଦେଖିଲେ ଯେ ଶ୍ରେଣୀର ବାହାର ପରିବେଶ ବହୁତ ଅନୁକୂଳ ଥିଲା । ଏବଂ ପିଲାମାନେ ଶ୍ରେଣୀର ବାହାରେ ଥିବା ଏବଂ ଗଛ, ଫୁଲ ଇତ୍ୟାଦି ଆଡ଼କୁ ବେଶୀ ଆକର୍ଷିତ ହେଉଥିଲେ । ସେ ନିଜ ଯୋଜନାକୁ ପରିବର୍ତ୍ତନ କଲେ ଏବଂ ପିଲାମାନଙ୍କୁ କହିଲେ ତମେମାନେ ସମସ୍ତେ ପାଞ୍ଚ ମିନିଟ୍ ପାଇଁ ବାହାରକୁ ଯାଅ ଏବଂ ବାହାରୁ ପରିବେଶରୁ ପ୍ରତ୍ୟେକ କମ୍ ସେ କମ୍ ଗୋଟିଏ ଜିନିଷ ଆଣ । ସମସ୍ତ ପିଲା ଆନନ୍ଦିତ ହୋଇ ଶ୍ରେଣୀରୁ ବାହାରକୁ ଗଲେ ଏବଂ ଜିନିଷ ମାନଙ୍କ ମଧ୍ୟରୁ ଯେପରି, ଫୁଲ, ପତ୍ର, ବାଡ଼ି, ଛୋଟ ପଥରକୁ ଏକାଠି କରି ପୁନଶ୍ଚ ଶ୍ରେଣୀ ମଧ୍ୟକୁ ଆସିଲେ । ଏହାଛଡ଼ା ସେ ଶ୍ରେଣୀ ମଧ୍ୟକୁ ଦୁଇ ଭାଗରେ ବିଭକ୍ତ କଲେ ଏବଂ ଦୁଇ ସମୂହକୁ ସାମ୍ନା-ସାମ୍ନି ଅର୍ଦ୍ଧବୃତ୍ତାକାର ଭଳି ବସିବା ପାଇଁ କହିଲେ, ତଥା ଗୋଟିଏ ଖେଳ "ବସ୍ତୁ ଚିହ୍ନଟ" ଆରମ୍ଭ କଲେ । ଦୁଇ ସମୂହ ମଧ୍ୟରେ ଏକତ୍ରିତ ହୋଇଥିବା ଜିନିଷକୁ ରଖାଗଲା ଗୋଟିଏ ସମୂହର ସଦସ୍ୟମାନେ ଗୋଟିଏ ପେପର ଉପରେ ଆଗରେ ରଖାଯାଇଥିବା ଜିନିଷ ମଧ୍ୟରୁ କୌଣସି ଏକ ଜିନିଷର ନାମ ଲେଖି ଶିକ୍ଷକଙ୍କୁ ଦେଲେ ଅନ୍ୟ ସମୂହର ଶିକ୍ଷାର୍ଥୀଙ୍କୁ କୁହାଗଲା ଯେ ଅତିକମ୍‌ରେ ୧୦ଟି ପ୍ରଶ୍ନ ପଚାରି ଜିନିଷ ଗୁଡ଼ିକର ଚିହ୍ନଟିକରଣ କରିବାକୁ ହେବ । ଏହି ପ୍ରଶ୍ନର ଉତ୍ତର 'ହଁ' କିମ୍ବା ନାହିଁରେ ପ୍ରଥମ ସମୂହର ଶିକ୍ଷାର୍ଥୀମାନେ ଦେଲେ । ପ୍ରଶ୍ନ ସାଧାରଣତଃ ଜିନିଷ ଗୁଡ଼ିକର ଚିହ୍ନଟିକରଣ ଉପରେ ପଚରାଯାଉଥିଲା, ଯେତେବେଳେ ସମୂହମାନେ ଗୋଟିଏ ପ୍ରଶ୍ନ ପଚାରି ଜିନିଷକୁ ଚିହ୍ନିଥିଲେ ସେମାନଙ୍କୁ ୧ ମାର୍କ ମିଳୁଥିଲା ଏକ ରୁ ଅଧିକ ପ୍ରଶ୍ନ ପଚାରିବା ଉପରେ ସ୍କୋର (Score) ବୋର୍ଡ଼ରେ ଗୋଟିଏ ଲେଖାଁ ମାର୍କ (Mark) ଯୋଡ଼ା ଯାଉଥିଲା । ଦୁଇ ସମୂହ ବା ଦଳର ସଦସ୍ୟମାନେ ପଚାରୁଥିବା ପ୍ରଶ୍ନ ଉପରେ ବିଚାର କରାଯାଉଥିଲା । ପାଞ୍ଚରାଉଣ୍ଡ ପରେ ସମସ୍ତ ପିଲାମାନେ ତାଳି ବଜାଇ ନାଚୁଥିଲେ କାରଣ ସେମାନେ ସମସ୍ତ ଜିନିଷକୁ ଚିହ୍ନିବାରେ ସଫଳ ହୋଇଥିଲେ । ଏହିପରି ଖେଳ ଚାଲିଥିଲା । ଶେଷରେ ଯେଉଁ ଦଳ ଅଧିକ ମାର୍କ ପାଇଲେ ସେମାନଙ୍କୁ ବିଜୟୀ ଘୋଷଣା କରାଗଲା । ଏହା ମଧ୍ୟରେ ପିରିୟଡ୍ ସରିଗଲା ଏବଂ କୌଣସି ଜଣେ ହେଲେ ମଧ ଘଣ୍ଟି ବାଜିବାର ଅପେକ୍ଷା କରିନଥିଲେ ବା ଏହା ପ୍ରତି କେହି ସଜାଗନଥିଲେ ।

ଉପରୋକ୍ତ ଦୁଇ ପରିସ୍ଥିତିରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମଗ୍ନ ରଖିବାରେ ସଫଳ ହେଲେ । ପ୍ରଥମ ପରିସ୍ଥିତିରେ ଶିକ୍ଷକ ପୂର୍ଣ୍ଣ ରୂପରେ ପିଲାମାନଙ୍କ ଉପରେ ନିୟନ୍ତ୍ରଣ ରଖିଲେ ଏବଂ ପିଲାମାନେ ଏହି କାର୍ଯ୍ୟ କାହିଁକି କଲେ କିମ୍ବା ପିଲାମାନଙ୍କର ଏହାପ୍ରତି ଆଗ୍ରହ ଅଛି କି ନାହିଁ ଏହାର ଧ୍ୟାନ ସେ ରଖି ନଥିଲେ । ବିଦ୍ୟାର୍ଥୀମାନେ ଶିକ୍ଷକ ଅନୁସାରେ କାର୍ଯ୍ୟ ସମାପ୍ତ କଲେ ।

**ଅନ୍ୟ ପରିସ୍ଥିତିଟି ନିମ୍ନଉପାୟ ଅନୁସାରେ ଭିନ୍ନ ଥିଲା :-**

- ବିଦ୍ୟାର୍ଥୀ ମାନଙ୍କ ଆଗ୍ରହକୁ ନିଜର ରଖି ଶିକ୍ଷକ ନିଜର ଯୋଜନା ବଦଳାଇ ଦେଲେ ।
- ସମୂହ କାର୍ଯ୍ୟରେ ଏପରି ଭାବରେ ପିଲାମାନଙ୍କୁ ନିୟୋଜିତ କରାଯାଇଥିଲା ଯେ ସମସ୍ତ ପିଲା ସ୍ୱତନ୍ତ୍ର ଭାବରେ ଜଣେ ଅନ୍ୟ ଜଣଙ୍କ ସହିତ ଅନ୍ତଃକ୍ରିୟା କରୁଥିଲେ ।
- ନିଜ ଦଳ ମଧ୍ୟରେ ପ୍ରଶ୍ନ ଆଲୋଚନା କରବା ଦ୍ୱାରା ପିଲାମାନେ ପ୍ରଶ୍ନ ପଚାରିବାର ଦକ୍ଷତା ହାସଲ କରୁଥିଲେ ।


ଟିପ୍ପଣୀ

- ପିଲାମାନେ ନିଜ ନିଜ ମଧ୍ୟରେ ସହଯୋଗ କରୁଥିଲେ ।
- ପିଲାମାନେ ଭାବନୁମୋଦିତ ପରିବେଶରେ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରୁଥିଲେ ।

ଆପଣ ଧ୍ୟାନ ଦେଇଥିବେ ଯେ ଏହି କ୍ରିୟା-କଳାପରେ କେବଳ ଯେ ନା ଶାରିରୀକ କାର୍ଯ୍ୟ ହେଉଥିଲା, ନା ଗୀତ ଥିଲା, ନା କେବଳ ନାଚ ହେଉଥିଲା, ନା ଗପ କୁହାଯାଉଥିଲା ତଥାପି ପିଲାମାନେ ସକ୍ରିୟ ରୂପରେ ଭାଗ ନେଇ ଏହାର ଆନନ୍ଦଦାୟିକ ଉଦ୍ଦେଶ୍ୟ ପ୍ରାପ୍ତ କରିଥିଲେ ।

## ଶିକ୍ଷଣ କାର୍ଯ୍ୟ(Activity) ର ଉଦାହରଣ (ସାରଣୀ ୪.୩)-

ଏଠାରେ ଦିଆଯାଇଥିବା କ୍ରିୟା-କଳାପର ଅବଲୋକନ କର ଏବଂ ଧ୍ୟାନରେ ପଢ଼ ।

| ଉଦ୍ଦେଶ୍ୟ | ଶିକ୍ଷଣ କାର୍ଯ୍ୟ | ପ୍ରକ୍ରିୟା |
|---|---|---|
| •ବନ୍ୟପ୍ରାଣୀ ମାନଙ୍କୁ ଚିହ୍ନିବା ଜାଣିବା | ଶିକ୍ଷଣ କାର୍ଯ୍ୟ ସହିତ ଗୀତ ଗାଇବା | • ପିଲାମାନେ / ଶିକ୍ଷାର୍ଥୀ ବୃତ୍ତାକାର ଭଳି ଛିଡ଼ା ହେବା ।<br>• ଶିକ୍ଷକ ମଝିରେ ଛିଡ଼ା ହୋଇ ପ୍ରଥମ ଦୁଇଧାଡ଼ି ଗାଇବେ ଏବଂ ପିଲାମାନେ ଅଭିନୟ କରି ବୃତ୍ତ ଆକାରରେ ବୁଲିବେ । |
| • ଆବୃତ୍ତି କରିବା ଦକ୍ଷତାର ବୃଦ୍ଧି | | • ମଝିରେ ଜଣେ ଶିକ୍ଷାର୍ଥୀ ପଶୁ ପରି ଶବ୍ଦ କରିବେ ଏବଂ ପିଲାମାନେ ଶବ୍ଦ ଏବଂ ଅଭିନୟ କରି ବୁଲିବେ ।<br>• ଯେଉଁ ବିଦ୍ୟାର୍ଥୀ ସଠିକ୍ ରୂପରେ ଭାଗ ନ ନେଇ ପାରିବ ସେ ବାହାରି ଯିବ, ପୁନଶ୍ଚ ଅବଲୋକନ ପରେ ସମୂହରେ ସାମିଲ୍ ହେବ । |
| • ଜାଣିଥିବା ବସ୍ତୁର ଜ୍ୟାମିତିକ ଆକୃତିକୁ ଚିହ୍ନିବା | ଜ୍ୟାମିତିକ ଆକୃତିର ଉପଯୋଗ କରି ଚିତ୍ର ଆଙ୍କିବା | • ଶିକ୍ଷକ କଳାପଟା ଉପରେ ଜ୍ୟାମିତିକ ଆକୃତିର ଚିତ୍ର କରିବେ ଯେପରି <br>• ବିଦ୍ୟାର୍ଥୀ ମାନଙ୍କୁ ନିର୍ଦ୍ଦେଶ ଦିଆଯିବ ଯେ ଉପରୋକ୍ତ ଆକୃତି ମାନଙ୍କର ଉପଯୋଗ କରିବା ସହିତ ଚିତ୍ର ତିଆରି କରି ଉଦାହରଣ ପ୍ରସ୍ତୁତି ପାଇଁ :-  |



ଟିପ୍ପଣୀ

## ଶିକ୍ଷାର୍ଥୀ ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା

| | | |
|---|---|---|
| • ସଂଖ୍ୟାର ନିର୍ମାଣ / ସଂରଚନା | ଗ୍ରୀଡ୍‌ଗେମ୍ | • ଶିକ୍ଷାର୍ଥୀ ମାନଙ୍କୁ କୁହାଯିବ ଯେ ୧୫ ମିନିଟ୍ ମଧ୍ୟରେ ଯେତେ ଅଧିକ ଚିତ୍ର କରିପାରିବେ ।<br>• ଗୋଟିଏ ୪×୪ ର ବର୍ଗ କର (୩×୩) କିମ୍ବା (୫×୫)ର ବର୍ଗ କରିପାରିବ । |

| | | | |
|---|---|---|---|
| | | | |
| | | | |
| | | | |
| | | | |

• ଗୋଟିଏ ବର୍ଗ ମଧ୍ୟରେ ଗୋଟିଏ ସଂଖ୍ୟା ଲେଖିବା ପାଇଁ ବିଦ୍ୟାର୍ଥୀ ମାନଙ୍କୁ କୁହାଯିବ ।

• ସେମାନଙ୍କୁ ୩ଟି ସହଜ ବର୍ଗର ଉପଯୋଗ କରି ସଂଖ୍ୟା ଲେଖିବା ପାଇଁ କୁହାଯାଏ । ସେମାନେ ଶବ୍ଦ ତିଆରି ପାଇଁ ବର୍ଣ୍ଣମାଳା ମଧ୍ୟ ଲେଖି ପାରିବ ।

• ୧୦ ମିନିଟ୍ ପରେ ପ୍ରତ୍ୟକ ଶିକ୍ଷାର୍ଥୀ କେତେ ଶବ୍ଦ ରଚନା କରିଛନ୍ତି ଏବଂ ସଂଖ୍ୟା ଲେଖିଛନ୍ତି ଦେଖାଯିବ ।

• ଯେଉଁ ଶିକ୍ଷାର୍ଥୀ ସେଥିରେ ସବୁଠାରୁ ଅଧିକ ସଂଖ୍ୟା ଲେଖିବେ ତାଙ୍କୁ ବିଜେତା ଘୋଷଣା କରାଯିବ ।



ଟିପ୍ପଣୀ

ଏହି ଉଦାହରଣରୁ ଆମକୁ ଏହା ପ୍ରାପ୍ତ ହେଲା ଯେ :-

- ଶିକ୍ଷଣକାର୍ଯ୍ୟ ଖେଳ, କାହାଣି, ଭୂମିକା, ଅଭିନୟ, ତଥା ଗୀତ ହୋଇପାରିବ । ତଥାପି ଏହା ଏକ ତରିକା ନୁହେଁ । ଶିକ୍ଷଣକାର୍ଯ୍ୟ ଉପରୋକ୍ତ ଲିଖିତ ମାଧମ ଦ୍ୱାରା କରାଯାଇପାରେ ।
- ପ୍ରତ୍ୟେକ ପିଲାମାନଙ୍କୁ ଶିକ୍ଷଣକାର୍ଯ୍ୟରେ ଅନ୍ତର୍ଭୁକ୍ତ ହେବାପାଇଁ ସୁଯୋଗ ମିଳିଥାଏ ।
- ଶିକ୍ଷଣକାର୍ଯ୍ୟ ବ୍ୟକ୍ତିଗତ କିମ୍ୱା ସାମୂହିକ ରୂପରେ ଆୟୋଜନ କରାଯାଇପାରେ ।
- ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ ଶାରିରୀକ କାର୍ଯ୍ୟ ମଧ ସାମିଲ୍ ହୋଇପାରେ କିମ୍ୱା ହୋଇ ନପାରେ ମାତ୍ର ମାନସିକ କାର୍ଯ୍ୟ ଯେପରି ଚେତନା, ଶ୍ରେଣୀ ମଧରେ ବ୍ୟବସ୍ଥାପନା, ବିଭିନ୍ନ ସମସ୍ୟା ସମାଧାନ କୌଶଳର ବିକାଶ ରହିବା ଆବଶ୍ୟକ ହୋଇଥାଏ ।
- ଜଣେ ବିଦ୍ୟାର୍ଥୀକୁ ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ ମଧରେ ନିମଗ୍ନ ରହିବା ସହିତ ଭାଗ ନେବାରେ ସନ୍ତୋଷ ପ୍ରାପ୍ତ ହୋଇଥାଏ ।
- ଗୋଟିଏ ଶିକ୍ଷଣକାର୍ଯ୍ୟ କିଛି ଛୋଟ ଛୋଟ ପରିବର୍ତ୍ତନ କରି ନୂଆ ଲକ୍ଷ ସାଧନ ପ୍ରାପ୍ତ କରାଯାଇଥାଏ ।
  ଏହିପରି ଶିକ୍ଷଣକାର୍ଯ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ (Aim oriented) କାର୍ଯ୍ୟ ଅଟେ । ଯେଉଁଥିରେ ଶିକ୍ଷାର୍ଥୀ ସ୍ୱତଃପ୍ରକୃତ (Spontaneously) ସଂଲଗ୍ନ ହୋଇ ଆନନ୍ଦପୂର୍ବକ ଶିକ୍ଷଣ ଉଦ୍ଦେଶ୍ୟ ପ୍ରାପ୍ତି କରିଥାଏ ।

**କ୍ରିୟାକଳାପ -୧**

ନିଜ ପସନ୍ଦର କୌଣସି ବିଶେଷ ଶ୍ରେଣୀ ପାଇଁ ଭାଷା, ଗଣିତ, ଏବଂ ପର୍ଯ୍ୟାବରଣ ଅଧୟନର କୌଣସି ଏକ ବିଷୟକୁ ଚୟନ କରି କମ୍ ସେ କମ୍ ୨ଟି ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କର ।

**ଶିକ୍ଷଣକାର୍ଯ୍ୟର ଉପାଦାନ -**

ଯେତେବେଳେ ଆପଣ ଶିକ୍ଷଣକାର୍ଯ୍ୟ ଭିତ୍ତିକ ଶ୍ରେଣୀକକ୍ଷକୁ ଯାଉଛନ୍ତି ସେଠି ଏପରି କ'ଣ ଅଛି ଯାହାକି ଆପଣଙ୍କୁ ବିଶ୍ୱାସ କରାଉଅଛି କି ଶିକ୍ଷଣ କାର୍ଯ୍ୟ ଉଚିତ୍ ଢ଼ଙ୍ଗ /ଉପାୟରେ ଚାଲୁଛି । ଆପଣ ନିମ୍ନଲିଖିତ ଲେଖା ଉପରେ ଧ୍ୟାନ ଦେବା ଆବଶ୍ୟକ :-

- ପିଲାମାନେ ଆପଣଙ୍କ ଉପସ୍ଥିତି ପ୍ରତି ସଜାଗ ନହୋଇ ନିଜ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ନିମଜ୍ଜିତ ଅଛନ୍ତି ।
- ସେମାନେ ନିଜ ମଧରେ କଥାବାର୍ତ୍ତା କରନ୍ତି, ସାମଗ୍ରୀ ଗୁଡ଼ିକୁ ଏପଟ ସେପଟ କରି ପରୀକ୍ଷା କରନ୍ତି, ସମସ୍ୟା ସମାଧାନର ବିଭିନ୍ନ ଉପାୟ ଏବଂ ବ୍ୟବସ୍ଥା କରିବା ପାଇଁ ପ୍ରୟାସରତ ଅଛନ୍ତି ।
- ଯଦି ଆପଣ ସେମାନଙ୍କୁ ପଚାରନ୍ତି ସେମାନେ କ'ଣ କରୁଛନ୍ତି ସେମାନେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିବେ ଯେ ଏହି ଶିକ୍ଷଣକାର୍ଯ୍ୟକୁ କରିବାର କାରଣ କ'ଣ ଏବଂ ଏହାର ଉଦ୍ଦେଶ୍ୟ କ'ଣ ଅଟେ ।
  ଅନ୍ୟ ଅର୍ଥରେ କାର୍ଯ୍ୟ ଭିତ୍ତିକ ଶକ୍ଷଣ (Activitiy Based learning) ରୁଚିକର ହୋଇଥାଏ । ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣର ଉଦ୍ଦେଶ୍ୟ ପ୍ରାପ୍ତ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ବସ୍ତୁତ୍ୱ ଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟ ଭିତ୍ତିକ ଶକ୍ଷଣ ବହୁତ ସରଳ ତଥା କଠିନ ହେବା ଉଚିତ୍ ?
  ଯଦି ଶିକ୍ଷଣ କାର୍ଯ୍ୟ ସହଜ ହେବ ବିଦ୍ୟାର୍ଥୀ ମାନଙ୍କର ସେଥିରେ ଆଗ୍ରହ ରହିନଥାଏ କିମ୍ୱା ଯଦି ବହୁତ କଠିନ ହେବ ତେବେ ଶିକ୍ଷାର୍ଥୀ ସେଥିରୁ ବଞ୍ଚିବା ପାଇଁ ବାଟ ଖୋଜିବେ । ଶିକ୍ଷାର୍ଥୀ ସେହି ଶିକ୍ଷଣକାର୍ଯ୍ୟ

ଟିପ୍ପଣୀ

ଭାଗ ନିଅନ୍ତି ଯେଉଁଠି ସେମାନେ କାର୍ଯ୍ୟ ସଂପାଦନ କରିବା ପାଇଁ ଯୋଗ୍ୟ ଅଟନ୍ତି । ଶିକ୍ଷଣକାର୍ଯ୍ୟକୁ ଏପରି ଭାବରେ ପ୍ରସ୍ତୁତ କରିବା ଉଚିତ୍ ଯେପରି ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବରେ କିମ୍ବା ନିଜ ସାଙ୍ଗସାଥି ମାନଙ୍କ ସହିତ କଥାବାର୍ତ୍ତା କରି, ଶିକ୍ଷକଙ୍କ ସାହାଯ୍ୟ ନେଇ କାର୍ଯ୍ୟକୁ ସମାପ୍ତ କରିବାରେ ଚେଷ୍ଟା କରିବେ । କାର୍ଯ୍ୟରେ ସାଧାରଣତଃ ସ୍ୱତଃପ୍ରବୃତ୍ତ ଭାବରେ ନିଜର ସୃଜନାତ୍ମକ ରଚନା ପ୍ରୟୋଗ କରିବା କାର୍ଯ୍ୟ ଭିତ୍ତିକ ଶକ୍ଷଣ ଏକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ଅଟେ । ସାଧାରଣତଃ ଦେଖାଯାଉଛି ଯେ ଜଣେ ଶିକ୍ଷାର୍ଥୀ ଗୋଟିଏ ଶିକ୍ଷଣ କାର୍ଯ୍ୟ ଆନନ୍ଦ ଅନୁଭବ କରୁଅଛି ତେବେ ସେ କାର୍ଯ୍ୟାବଳୀକୁ ପରୀକ୍ଷାମୂଳକ ଭାବରେ ସ୍ୱୀକାର କରି ଅଧିକରୁ ଅଧିକ ନିମଜ୍ଜିତ ହୋଇଯାଏ । ଯଦି ସେହି କାମ କରିବାରେ ତାକୁ ଆନନ୍ଦ ଅନୁଭୂତ ହେଉନାହିଁ ଏବଂ କାର୍ଯ୍ୟକୁ ବୋଝ / ପୀଡ଼ା ରୂପରେ ଅନୁଭବ କରେ ତେବେ କାର୍ଯ୍ୟକୁ ଯେନତେନ ରୂପରେ ସାରିବା ପାଇଁ ଚାହିଁଥାଏ । ଫଳସ୍ୱରୂପ ସେ ଅସଫଳ ହୋଇଥାଏ । ଏଥିପାଇଁ ଶିକ୍ଷଣକାର୍ଯ୍ୟ ଏପରି ଏକ କାର୍ଯ୍ୟ ହେବା ଦରକାର ଯେଉଁଥିରେ ଶିକ୍ଷାର୍ଥୀ ଆନନ୍ଦ ଅନୁଭବ କରିବ ।

ଏଣୁ ଗୋଟିଏ ପ୍ରଭାବକାରି କାର୍ଯ୍ୟ ଭିତ୍ତିକ ଶକ୍ଷଣ ନିମ୍ନଲିଖିତ ମୁଖ୍ୟ ତତ୍ତ୍ୱ ରହିଛି :-

- **ଧ୍ୟାନ କୈନ୍ଦ୍ରିତ :-** କାର୍ଯ୍ୟ ଭିତ୍ତିକ ଶକ୍ଷଣ ଲକ୍ଷ୍ୟ ଉପରେ ମୁଖ୍ୟତଃ ନିର୍ଭର କରିଥାଏ ଏବଂ ଏହାକୁ ଏପରି ପ୍ରସ୍ତୁତ କରାଯାଇଥାଏ ଯେ ଶିକ୍ଷାର୍ଥୀ ସମସ୍ୟା ସମାଧାନ ପାଇଁ ଧ୍ୟାନ କୈନ୍ଦ୍ରିତ ହୋଇଥାଏ ଏବଂ ଏତେ ସହଜରେ ତାର ଧ୍ୟାନ ଭାଙ୍ଗି ନଥାଏ / ଲକ୍ଷ୍ୟ ଭ୍ରଷ୍ଟ ହୋଇନଥାଏ ।

- **ଦୃଷ୍ଟାନ୍ତ ମୂଳକ :-** ଗୋଟିଏ ପ୍ରଭାବକାରି କ୍ରିୟାକଳାପ ଶିକ୍ଷାର୍ଥୀମାନଙ୍କ ଆଗରେ ଗୋଟିଏ ପରୀକ୍ଷା ଆଣିଥାଏ । ଏହା ନା କେବଳ ଏତେ ସହଜ ହୋଇଥାଏ ଯେ ଏହାକୁ ଉପେକ୍ଷା କରାଯିବ ନା ଏହା ଏତେ କଠିନ ଭାବରେ ପ୍ରସ୍ତୁତ ହୋଇଥିବ ଯେ ଏହାର ସମାଧାନ କରା ନ ଯାଇପାରେ । ଏହା ମୁଖ୍ୟତଃ ଏଭଳି କଠିନ ହୋଇଥାଏ ଯାହାର ସମାଧାନ ଶିକ୍ଷାର୍ଥୀ ମାନଙ୍କ ଭିତରେ ଥାଏ କିନ୍ତୁ ଧ୍ୟାନକୈନ୍ଦ୍ରିତ କରି କିମ୍ବା କିଛି ଅଧିକ ଚେଷ୍ଟା କରି ସମସ୍ୟାର ସମାଧାନ କରାଯାଇପାରେ ।

- **ସ୍ୱତଃ ପ୍ରବୃତ୍ତତା :- (Spontaneous Involvment)**

  ଗୋଟିଏ ଭଲ କ୍ରିୟାକଳାପ ଏପରି ପ୍ରସ୍ତୁତ ହୋଇଥାଏ ଯେ ଏହାର ଆରମ୍ଭରେ ହିଁ ଶିକ୍ଷାର୍ଥୀ ଏହା ପ୍ରତି ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ଏହି କ୍ରିୟାକଳାପରେ କୌଣସି ଉପର ବଶବର୍ତ୍ତୀ ନ ହୋଇ କିମ୍ବା କୌଣସି ଅନୁନ୍ନୟ ବିନୟ ନହୋଇ ସ୍ୱାଧୀନ ଭାବରେ କାର୍ଯ୍ୟ କରିଥାନ୍ତି ।

- **ଆନନ୍ଦ ଦାୟକ :-** କ୍ରିୟାକଳାପର ପରିକ୍ଷଣ ସେତେବେଳେ ହୋଇଥାଏ ଯେତେବେଳେ ଶିକ୍ଷାର୍ଥୀ ସଂପୂର୍ଣ୍ଣ ଭାବରେ ସନ୍ତୋଷ ପ୍ରାପ୍ତ କରିଥାଏ । ଗୋଟିଏ ଭଲ କ୍ରିୟାକଳାପର ପ୍ରକୃତି ଏହାହିଁ ହୋଇଥାଏ ଯେ ଏହାର ଆୟୋଜନ ବିଦ୍ୟାର୍ଥୀ ମାନଙ୍କ ପାଇଁ ରୁଚିକର ହୁଏ ଏବଂ ଏହା ଉପଲବ୍ଧି ବା ଆତ୍ମସନ୍ତୋଷ ଉତ୍ପନ୍ନ କରାଇଥାଏ ଯେ ଅନ୍ତତଃ ଶିକ୍ଷାର୍ଥୀମାନଙ୍କର ଆସୁଥିବା ପରୀକ୍ଷାରେ ସେମାନେ ଭାଗ ନେବା ସହିତ ସ୍ୱତଃପ୍ରେରିତ ହେବା ପାଇଁ ପ୍ରସ୍ତୁତ ହୋଇଥାନ୍ତି ।

  ଏହି ତତ୍ତ୍ୱ ଜଣେ ଅନ୍ୟଠାରୁ ସ୍ୱତନ୍ତ୍ର ନୁହେଁ ଏମାନେ ପରସ୍ପର ଅନ୍ତଃସଂଯୋଜିତ ଅଟନ୍ତି ।

**E - 11** ଗୋଟିଏ କ୍ରିୟାକଳାପର ମୁଖ୍ୟ ବିଶେଷତ୍ୱ କ'ଣ ?

**E - 12** ଘୋଷା ପଦ୍ଧତିକୁ କାହିଁକି ଶିକ୍ଷଣକାର୍ଯ୍ୟ ବୋଲି ବୁଝାଯିବ ନାହିଁ ।



ଟିପ୍ପଣୀ

## ୪.୩.୨. ଶିକ୍ଷଣକାର୍ଯ୍ୟ ଭିତ୍ତିକ ଶ୍ରେଣୀ ପରିଚାଳନା

ଏପର୍ଯ୍ୟନ୍ତ ଆପଣ ଶ୍ରେଣୀ ନିୟୋଜନ ଏବଂ ପରିଚିତ ସାମାନ୍ୟ ଶ୍ରେଣୀ ସଂଚାଳନ ତଥା କ୍ରିୟାକଳାପ-ଆଧାରିତ ଶ୍ରେଣୀ ସଞ୍ଚାଳନ ମଧ୍ୟରେ ଥିବା ପାର୍ଥକ୍ୟକୁ ନିଶ୍ଚିତ ଅନୁଧ୍ୟାନ କରିଥିବେ ।

**କ୍ରିୟାକଳାପ -୨**

ଏକ ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀ ଏବଂ କକ୍ଷ  କାର୍ଯ୍ୟ ଭିତ୍ତିକ ଶିକ୍ଷଣ  ଶ୍ରେଣୀ କକ୍ଷ ଓ ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

ଶିକ୍ଷଣକାର୍ଯ୍ୟ ଉପରେ ସଞ୍ଚାଳିତ ହେଉଥିବା ଶ୍ରେଣୀକକ୍ଷର ଯୋଜନା ପ୍ରସ୍ତୁତ ସମୟରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟର ପାର୍ଥକ୍ୟ ସମ୍ବନ୍ଧରେ ସ୍ପଷ୍ଟ ହୋଇଥାଏ । ଉଦାହରଣ ପାଇଁ ଆପଣ କ'ଣ କୌଣସି ନୂଆ ଅବଧାରଣା ସହିତ ପରିଚୟ କରିବା ପାଇଁ ଚାହାଁନ୍ତି କି? 'ନା' ପିଲାମାନଙ୍କ ଦ୍ୱାରା ପୂର୍ବରୁ ପରିଚିତ ହୋଇଥିବା କୌଣସି ଧାରଣାକୁ ବହୁତ ଭଲ ଭାବରେ ବୁଝିବାରେ ଇଚ୍ଛା ଅଛି? ତଥା କିଛି ପରୀକ୍ଷାପୂର୍ଣ୍ଣ କାର୍ଯ୍ୟ ଉପଲବ୍ଧ କରିବା ପାଇଁ ଚାହାଁନ୍ତି । ଥରେ ଆପଣଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଗଲା ପରେ ଆପଣ ଗୋଟିଏ ଉଚିତ୍ ଶିକ୍ଷଣ କାର୍ଯ୍ୟ ଯୋଜନା କରିବାର ଆବଶ୍ୟକତା ହୋଇଥାଏ । କିଛି ନୂଆ ଶିକ୍ଷଣକାର୍ଯ୍ୟ ହୋଇପାରେ ତଥା ଆପଣଙ୍କ ଦ୍ୱାରା ପ୍ରଥମରୁ କରାଯାଇଥିବା ଶିକ୍ଷଣ କାର୍ଯ୍ୟର ବିସ୍ତାରଣ ହୋଇପାରେ । କିଛି ଆପଣଙ୍କ ଉଦ୍ଦେଶ୍ୟ ପ୍ରତ୍ୟକ୍ଷ ଭାବରେ ହାସଲ ହୋଇପାରେ ତଥା କିଛି ପରୋକ୍ଷ ଭାବରେ । ମାତ୍ର ଏହି ଦୁଇ ଅବସ୍ଥାକୁ ରୁଚିକର କରିବା ପାଇଁ ଅନ୍ୱେଷଣାକାରୀ ହୋଇଥିବା ଆବଶ୍ୟକ । ଶିକ୍ଷଣକୁ ପ୍ରଭାବଶାଳୀ କରିବା ପାଇଁ ଆପଣଙ୍କୁ ଶିକ୍ଷଣ କାର୍ଯ୍ୟ ମୁଖ୍ୟ ବିଶେଷତ୍ୱ ଗୁଡ଼ିକ ଉପରେ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ ।

ଶ୍ରେଣୀ ମଧ୍ୟରେ ଶିକ୍ଷଣକାର୍ଯ୍ୟ ଆୟୋଜନ କରିବାର ନିଷ୍ପତ୍ତି ନେଲାବେଳେ ଆପଣଙ୍କୁ ସୁକ୍ଷମ ଏବଂ ପ୍ରଭାବଶାଳୀ ଭାବରେ ଶିକ୍ଷଣ କାର୍ଯ୍ୟ ଆୟୋଜନ ପାଇଁ ଆପଣଙ୍କୁ ଶ୍ରେଣୀ ସଞ୍ଚାଳନର ସମସ୍ତ ଦିଗଗୁଡ଼ିକର ଯୋଜନା ଉପରେ ମଧ୍ୟ ଧ୍ୟାନ ଦିଆଯିବାର ଆବଶ୍ୟକତା ହୋଇଥାଏ ।

ଶିକ୍ଷଣକାର୍ଯ୍ୟକୁ ସଫଳତାପୂର୍ବକ କ୍ରିୟାତ୍ମକ କରିବା ପାଇଁ କିଛି ମହତ୍ତ୍ୱପୂର୍ଣ୍ଣ ସୂଚନା ଅଛି ଯାହାର ଧ୍ୟାନ ରଖିବା, ଅତି ଆବଶ୍ୟକ ସେଗୁଡ଼ିକ ନିମ୍ନରେ ଦିଆଯାଇଛି :-

- **ଉପଲବ୍ଧ ସ୍ଥାନ ପରିଚାଳନା :-**

ଶିକ୍ଷଣକାର୍ଯ୍ୟ ସଞ୍ଚାଳନ ପାଇଁ ଶ୍ରେଣୀ ମଧ୍ୟରେ ଉପଲବ୍ଧ ହେଉଥିବା ସ୍ଥାନର ଉପଯୋଗ ପାଇଁ ଉଚିତ୍ ଯୋଜନା ପ୍ରସ୍ତୁତିର ଆବଶ୍ୟକ ଅଛି । କିଛି ସ୍ଥାନ ଶିକ୍ଷଣ ସାମଗ୍ରି, କଳାପଟା ରଖିବା ବା କାର୍ଯ୍ୟକ୍ଷମ ପାଇଁ ସୁରକ୍ଷିତ ସ୍ଥାନ ରହିବା ଉଚିତ୍ ତଥା କିଛି ସ୍ଥାନ ବିଦ୍ୟାର୍ଥୀମାନଙ୍କ ପାଇଁ ନଥିପତ୍ର ଏବଂ ପୋର୍ଟଫୋଲିଓ ରଖିବା ପାଇଁ ର୍‌ୟାକ ପାଇଁ କିଛି ସ୍ଥାନ ଦରକାର । ଶିକ୍ଷାର୍ଥୀ ମାନଙ୍କ ବସିବା, ଚଲାବୁଲା କରିବା ପାଇଁ ତଥା ସାମୂହିକ ଗତିବିଧି ମାନଙ୍କ ପାଇଁ ଶ୍ରେଣୀ ମଧ୍ୟରେ ପର୍ଯ୍ୟାପ୍ତ ସ୍ଥାନ ଉପଲବ୍ଧ କରିବାର ଆବଶ୍ୟକତା ଅଛି । ବିଶେଷତଃ ଆପଣମାନଙ୍କୁ ପୂର୍ବରୁ ମଧ୍ୟ ସାମୂହିକ କ୍ରିୟାକଳାପ ପାଇଁ ଆବଶ୍ୟକ ସ୍ଥାନର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ଅଛି ତଥା ଏହି ପ୍ରକାର ସମୂହର ସଂଖ୍ୟା ନିର୍ଦ୍ଧାରଣ ତଥା ଶ୍ରେଣୀ ମଧ୍ୟରେ ଆପଣ ଏବଂ ଶିକ୍ଷାର୍ଥୀଙ୍କର ଚାଲିବା ବୁଲିବା ପାଇଁ ସ୍ଥାନ ସଂରକ୍ଷଣ କରିବା ଉଚିତ୍ ।

- **ଶିକ୍ଷଣ ସାମଗ୍ରିର ପରିଚ୍ଛଳନା :-**

କାର୍ଯ୍ୟ ମାଧ୍ୟମରେ ଶିକ୍ଷା /କ୍ରିୟାକଳାପ ଶିକ୍ଷା ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ପତ୍ରେ୍ୟକ ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣ ଉପକରଣ ପଯ୍ୟାପ୍ତ ମାତ୍ରାରେ ରଖିବାର ଆବଶ୍ୟକତା ଅଛି । ଆପଣ ସାଧାରଣତଃ ଜାଣିଥିବେ TLM (ଶିକ୍ଷାଦାନ ଶିକ୍ଷଣ ଉପକରଣ) ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଛି

(କ) ପଶାକାଠି, ମର୍ମର ପଥର, ଘଣ୍ଟା, ଫ୍ଲାସ କାର୍ଡ଼, ମଞ୍ଜି, ମସୃଣ ପଥର ଇତ୍ୟାଦି ସମସ୍ତ ଶିକ୍ଷଣ କାର୍ଯ୍ୟର ବହୁତ ପ୍ରକାରର ବ୍ୟବହାର ଉପଯୋଗି ହୋଇଥାଏ ।

(ଖ) ଗୋଟିଏ ବିଶିଷ୍ଟ ସାମଗ୍ରୀ ଶିକ୍ଷଣକାର୍ଯ୍ୟ ବିଶେଷ ଭାବରେ ବ୍ୟବହୃତ ହୋଇଥାଏ । ଆପଣଙ୍କୁ ପ୍ରଥମ ଶ୍ରେଣୀ (TLM) ର ପର୍ଯ୍ୟାପ୍ତ ମାତ୍ରାରେ ସଂକଳନ କରିବାକୁ ହେବ ତଥା ବିଷୟ ବିଶେଷତା ଉପରେ ଆଧାରିତ କ୍ରିୟାକଳାପ ହେତୁ ଉଚିତ୍ TLM ର ଆବଶ୍ୟକ ମାତ୍ରରେ ସଂକଳନ କରିବାର ଆବଶ୍ୟକତା ଅଛି । ଆପଣଙ୍କୁ ପୂର୍ବରୁ ମଧ୍ୟ ବିଶେଷ ରୂପରେ ଶିକ୍ଷଣୀୟ କାର୍ଯ୍ୟ ଆରମ୍ଭରେ TLM ର ଚୟନ, ସଂକଳନ ଏବଂ ତାକୁ ରଖିବା ପାଇଁ ଉଚିତ୍ ବ୍ୟବସ୍ଥା କରିବାର ଆବଶ୍ୟକତା ଅଛି । ପୂର୍ବରୁ ମଧ୍ୟ ଆପଣଙ୍କୁ ଶିକ୍ଷଣକାର୍ଯ୍ୟ ସୀମକ୍ଷା କରି ଶ୍ରେଣୀ ପାଇଁ ଆବଶ୍ୟକ ସାମଗ୍ରିର ସୁନିଶ୍ଚିନ୍ତତା ନିର୍ଦ୍ଧାରଣ କରିବା ଉଚିତ୍ TLM ର ଚିହ୍ନଟକରଣ ପାଇଁ ବିଦ୍ୟାର୍ଥୀମାନଙ୍କୁ ସାମିଲ୍ କରିବା ଉଚିତ୍ ଯାହାକି ସେମାନେ TLM ପାଇଁ ଉଚିତ୍ ସାମଗ୍ରି ଠିକ୍ ସମୟରେ ଆଣି ପାରିବେ । ଏହା ପ୍ରାସଙ୍ଗିକ ଶିକ୍ଷଣକାର୍ଯ୍ୟ ଠାରୁ ସ୍ୱତଃ ପ୍ରବର୍ତ୍ତିତ ଆକାରରେ ସହାୟତା କରିଥାଏ । ସେହି ବିଦ୍ୟାର୍ଥୀ ମାନଙ୍କ ପାଇଁ ଯେଉଁମାନେ କି ନିଜର କାର୍ଯ୍ୟ ନିର୍ଦ୍ଧାରିତ ସମୟ ଠାରୁ ପୂର୍ଣ୍ଣ କରି ଦିଅନ୍ତି ଏବଂ ଖାଲି ବସିବସି ବିରକ୍ତ ହେଉଥିବା ସେହିମାନଙ୍କ ପାଇଁ କୌଣସି ନା କୌଣସି ସାଧାରଣ ଖେଳ ମଧ୍ୟ ପ୍ରସ୍ତୁତ କରି ରଖିଥାନ୍ତି । ଶିକ୍ଷଣକାର୍ଯ୍ୟ ସମାପ୍ତ କରିବା ସହିତ TLM କୁ ତାର ନିର୍ଦ୍ଧାରିତ ସ୍ଥାନରେ ରଖିବାର ଅଭ୍ୟାସ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କରାଇବା ଉଚିତ୍ ତଥା ଏହି କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରିବା ଉଚିତ୍ ।

- **ଶିକ୍ଷଣକାର୍ଯ୍ୟରେ ଶିକ୍ଷାର୍ଥୀଙ୍କ ଅର୍ନ୍ତଭୁକ୍ତତା :-**

ଶିକ୍ଷଣକାର୍ଯ୍ୟ ଶିକ୍ଷାର୍ଥୀମାନଙ୍କର ଅନ୍ତର୍ଭୁକ୍ତତା ଦ୍ୱାରା ଶିକ୍ଷଣ ସହଜ, ସୁଗମ ହୋଇଥାଏ । ଏଥିପାଇଁ ଶିକ୍ଷଣ କାର୍ଯ୍ୟ ଶିକ୍ଷଣକୁ ଯୋଜନା କଲା ସମୟରେ ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ ଅଟେ :-

**ଶିକ୍ଷଣକାର୍ଯ୍ୟର ପ୍ରକୃତି :-**

କୌଣସି ବିଷୟବସ୍ତୁ ଉପରେ ଗୋଟିଏ କ୍ରିୟାକଳାପର ଚୟନ କରିବା ସମୟରେ ବିଷୟବସ୍ତୁ ଉପରେ ଆଧାରିତ ଏହାର ଉପଯୁକ୍ତତା ଏବଂ ପ୍ରାସଙ୍ଗିକତା ସହିତ ଶିକ୍ଷାର୍ଥୀ ମାନଙ୍କର ସଂରଚନାତ୍ମକ ସ୍ତରର ମଧ୍ୟ ଧ୍ୟାନ ରଖିବା ଉଚିତ୍ । ଆପଣଙ୍କୁ ନିର୍ଣ୍ଣୟ ନେବାକୁ ହେବ ଯେ ଏହା କ'ଣ ବ୍ୟକ୍ତିଗତ ତଥା ସାମୂହିକ ତଥା ସମ୍ପୂର୍ଣ୍ଣ ଶ୍ରେଣୀ ପାଇଁ କ୍ରିୟାକଳାପ ଅଟେ ? କ'ଣ ଏହା ଶ୍ରେଣୀ କକ୍ଷକୁ ସହଜ କରିବା ପାଇଁ ସାଧାରଣ କ୍ରିୟାକଳାପ ଅଟେ, ତଥା ଅତ୍ୟଧିକ ଶାରିରୀକ କାର୍ଯ୍ୟ ଠାରୁ ଅତ୍ୟଧିକ କ୍ରିୟାକଳାପ ଅଟେ ?ନା ଏହା ଚିନ୍ତନ ଏବଂ ଭାବନା ପାଇଁ କ୍ରିୟାକଳାପ ଅଟେ ?

**ଶିକ୍ଷଣକାର୍ଯ୍ୟର ପଦର୍ଶନ :-** ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଶିକ୍ଷାର ଅଗ୍ରଗତି ପାଇଁ ଦୃଢ଼ ନିର୍ଦ୍ଦେଶ ରହିବା ଉଚିତ୍ । ଦୀର୍ଘ ମୌଖିକ ସ୍ପଷ୍ଟିକରଣର ବ୍ୟବହାର କରିବାଠାରୁ ଏକ ସରଳ ଉଦାହରଣ ଛବି ମାଧ୍ୟମରେ ଶିକ୍ଷଣର

ବିଚାରଧାରାକୁ ଅଧିକ ସ୍ୱଚ୍ଛତା ସହିତ ପ୍ରସ୍ତୁତ କରିଥାଏ । ଅତ୍ୟଧିକ ନିୟମ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାର ପ୍ରଗତି କରିବା ପାଇଁ ଆପଣ ନିଜ ପିଲାମାନଙ୍କୁ ସାମିଲ କରିପାରିବେ ।

ଗୋଟିଏ ପିରିୟଡ୍ ମଧ୍ୟରେ ଅଲଗା ଅଲଗା ଶିକ୍ଷଣକାର୍ଯ୍ୟକୁ ଉଚିତ୍ ସମୟରେ କରିବା ଉଚିତ୍ । କିନ୍ତୁ ପିରିୟଡ୍‌ର ପ୍ରାଥମିକ ଅବସ୍ଥାରେ ଛୋଟ ଦଳ ଆକାରରେ ସାମୂହିକ ଭାବରେ କାର୍ଯ୍ୟକଳାପ ଆୟୋଜନ କରିବା ବାଞ୍ଛନୀୟ ଅଟେ । ଏହାଛଡ଼ା ଶ୍ରେଣୀରେ ଶିକ୍ଷଣକାର୍ଯ୍ୟର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଘଟଣା ଚର୍ଚ୍ଚା କରାଯାଇପାରେ । ଯଦି ଆବଶ୍ୟକ ହୁଏ ତେବେ ପିରିୟଡ୍ ମଝିରେ ବ୍ୟକ୍ତିଗତ ଶିକ୍ଷଣକାର୍ଯ୍ୟର ଆୟୋଜନ କରାଯାଇ ପାରିବ । ପରିୟଡ୍ ଶେଷରେ ସମ୍ପୂର୍ଣ୍ଣ ଶ୍ରେଣୀ ପାଇଁ କରାଯାଇଥିବା କାର୍ଯ୍ୟ ଉପରେ ବିଚାର, ବିମର୍ଷ କରି ଶିକ୍ଷଣକାର୍ଯ୍ୟର ପରିଣାମର ସାରାଂଶ ପ୍ରାପ୍ତ କରିବାର ଆବଶ୍ୟକତା ଅଛି । ଏହି ପ୍ରକାର ଠିକ୍ ସମୟରେ ଶେଷ ନହୋଇ ପାରିବା ଶିକ୍ଷଣକାର୍ଯ୍ୟର ବହୁତ କାର୍ଯ୍ୟ ଅର୍ନ୍ତଭୁକ୍ତ ହୋଇଥାଏ କିନ୍ତୁ ଶିକ୍ଷଣର ବହୁତଗୁଡ଼ିଏ ମାନକ ଯାହା ଆପଣ ଚାହାଁନ୍ତି ଯେ ପିଲାମାନେ ଶିକ୍ଷା କରନ୍ତୁ , କିନ୍ତୁ ତାହା ସଫଳ ହୋଇନଥାଏ ।

- **ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଅର୍ନ୍ତଭୁକ୍ତତା ସୁନିଶ୍ଚିତ କରିବା :-**

  ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ ଯାହାକି ପ୍ରତ୍ୟେକ ଶିଶୁ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥା ଶିକ୍ଷଣରେ ଅବଶ୍ୟ ଭାଗ ନିଅନ୍ତୁ କିନ୍ତୁ ଏହା ସମ୍ଭବ ହୋଇନଥାଏ କାରଣ ଶ୍ରେଣୀର ବିଦ୍ୟାର୍ଥୀ ସର୍ବଦା ଗୋଟିଏ କାର୍ଯ୍ୟାବଳୀରେ ଭାଗ ନେଇପାରେ ନାହିଁ ।

  ଶିକ୍ଷାର୍ଥୀମାନଙ୍କ ଅର୍ନ୍ତଭୁକ୍ତତା ପରିବର୍ତ୍ତନ ହୋଇଥାଏ କିନ୍ତୁ ଆପଣ ପତ୍ରେ୍ୟକ ଶିକ୍ଷାର୍ଥୀଙ୍କର ଅନ୍ତର୍ଭୁକ୍ତତାକୁ ସୁନିଶ୍ଚିତ କରିବା ଉଚିତ୍ । ଯଦି କିଛି ଆବଶ୍ୟକ ପଡ଼େ ଆପଣ ଶିକ୍ଷଣ କାର୍ଯ୍ୟରେ ଛୋଟ ଛୋଟ ପରିବର୍ତ୍ତନ କରି ବିଦ୍ୟାର୍ଥୀ ମାନଙ୍କ ଅନ୍ତର୍ଭୁକ୍ତତା ବଢ଼ାଇ ପାରିବେ । ଶିକ୍ଷଣକାର୍ଯ୍ୟରେ ଭାଗ ନେଇଥିବା ସମସ୍ତ ଶିକ୍ଷାର୍ଥୀଙ୍କ ଉପରେ ସୂକ୍ଷ୍ମ ନଜର ରଖିବା ଏବଂ ସେହି ବିଦ୍ୟାର୍ଥୀ ମାନଙ୍କୁ ପ୍ରେରଣା ଦେବା ଉଚିତ୍ ଯେଉଁମାନେ ନିଷ୍କ୍ରିୟ ଅଟନ୍ତି ।

- ଶିକ୍ଷଣକାର୍ଯ୍ୟ ଆରମ୍ଭରେ କୌଣସି ବିଷୟରେ ନିର୍ଦ୍ଦେଶନାମା ପ୍ରଦାନ ତଥା କୌଣସି ତଥ୍ୟକୁ ସ୍ୱଷ୍ଟ କରିବା ପାଇଁ ଆପଣଙ୍କ ଉପସ୍ଥିତି ଅନିବାର୍ଯ୍ୟ ଅଟେ । ଯଦି ଶିକ୍ଷଣକାର୍ଯ୍ୟ ପିଲାମାନଙ୍କର ଛୋଟ ସମୂହ /ଦଳ ମଧ୍ୟରେ ଆୟୋଜନ କରାଯାଏ ତେବେ ଆପଣଙ୍କୁ ସମୟ ବାହାର କରି ପ୍ରତ୍ୟେକ ସମୂହରେ ବସି ପିଲାମାନଙ୍କ ସହିତ କଥାବାର୍ତ୍ତା କରିବା ଆବଶ୍ୟକ । ଏହାଦ୍ୱାରା ଆପଣ ସେମାନଙ୍କଠାରୁ ଶିକ୍ଷଣକାର୍ଯ୍ୟର ପରିଣାମ ବିଷୟରେ କଥା ହେବା ସହିତ ଏହା ମଧ୍ୟ ସୁନିଶ୍ଚିତ କରିବା ଉଚିତ୍ ଯେ ସମସ୍ତ ବିଦ୍ୟାର୍ଥୀ କ୍ରିୟାକଳାପ ମାଧ୍ୟମରେ ସମାନ ଭାବରେ ଭାଗ ନେଇପାରିବେ । ଏହିପରି ସମସ୍ତ ସମୂହ ବା ଦଳଙ୍କ ପାଖରେ ଯାଇ ଆପଣ ସମୂହର ସଦସ୍ୟମାନଙ୍କ ମଧ୍ୟରେ ସାମାଜିକ ଅନ୍ତଃକ୍ରିୟାକୁ ସହଜ ସୁଗମ କରିପାରିବେ । ତଥା ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ସମ୍ବନ୍ଧରେ ସେମାନଙ୍କୁ ଜଣାଇବା ଉଚିତ୍ । ଆପଣ ଏହିପରି ମଧ୍ୟ ନିର୍ଣ୍ଣୟ ନେଇପାରିବେ କି କାର୍ଯ୍ୟଭିତ୍ତିକ ଶିକ୍ଷଣ ପିଲାମାନଙ୍କ ଶିକ୍ଷଣ ଉପରେ କ'ଣ ପ୍ରଭାବ ପଡ଼ିଲା ।

- କାର୍ଯ୍ୟଭିତ୍ତିକ ଶିକ୍ଷଣରେ ସମୁଦାୟ (Community) ର ସହଯୋଗ :-

  ବହୁତ ଗୁଡ଼ିଏ ସମୁଦାୟର କାର୍ଯ୍ୟାବଳୀ, ଉତ୍ସର ଉପଯୋଗ, କାର୍ଯ୍ୟଭିତ୍ତିକ ଶିକ୍ଷଣକୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ପ୍ରାସଙ୍ଗିକ କରିବା ପାଇଁ କରାଯାଇଥାଏ । ସ୍ଥାନୀୟ ଭାବରେ ଉପଲବ୍ଧ ସାମଗ୍ରି ଲୋକ କାହାଣି,

ଟିପ୍ପଣୀ

ଲୋକ କାହାଣି ଖେଳ, ଏବଂ ମରିଚୀକାର ପଦର୍ଶନ ଶ୍ରେଣୀ କକ୍ଷ ଶିକ୍ଷଣକାର୍ଯ୍ୟ ଉପରେ କରାଯାଇଥାଏ ଯେଉଁଥିରୁ ବିଦ୍ୟାର୍ଥୀ ସହଜ ଭାବରେ ଉପଲବ୍ଧ କରିପାରିବ । ସମାଜର ସଦସ୍ୟ ମାନଙ୍କୁ (ସ୍ଥାନୀୟ କଳାକାର, କୃଷକ, ହସ୍ତଶିଳ୍ପୀ ଆଦି ରୂପରେ) ସାମିଲ କରାଯାଇପାରିବ । ସେମାନେ ସମସ୍ତ ଶ୍ରେଣୀ ଶିକ୍ଷଣକାର୍ଯ୍ୟକୁ ନିଜର ଅନୁଭବ ଦ୍ୱାରା ସମୃଦ୍ଧ କରିପାରନ୍ତି ତଥା ଶିକ୍ଷଣକାର୍ଯ୍ୟକୁ ସାମାଜିକ ସଂସ୍କୃତି ରୂପରେ ପ୍ରସଙ୍ଗ ଭିତ୍ତିକ ତିଆରି କରିପାରନ୍ତି । ତାଛଡ଼ା ସମୁଦାୟର ବୟସ ମହିଳାମାନେ ପିଲାମାନଙ୍କୁ ଗପ ଶୁଣାଇଥାନ୍ତି କିମ୍ବା ଯୁବତୀ ଝିଅମାନେ ନୃତ୍ୟ, ଗୀତ ଶିକ୍ଷା ପ୍ରଦାନ କରିଥା'ନ୍ତି ।

- ମୂଲ୍ୟାୟନର ପ୍ରକ୍ରିୟା :- ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥାରେ ବିଶେଷ କରି ରଚନାତ୍ମକ ସ୍ତର ଉପରେ ଶିକ୍ଷଣର ମୂଲ୍ୟାଙ୍କନରେ ସ୍ୱ-ମୂଲ୍ୟାଙ୍କନ, ସାଙ୍ଗସାଥି ମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କିମ୍ବା ସାମୂହିକ ମୂଲ୍ୟାଙ୍କନ ସାମିଲ ହୋଇଥାଏ ଯାହାକି ସତଚେଷ୍ଟା ଦ୍ୱାରା କରିବ ଉଚିତ ଶିକ୍ଷାର୍ଥୀମାନେ ନିଜର ଶିକ୍ଷଣର ଅଭିବୃଦ୍ଧି ସମ୍ବନ୍ଧରେ ସଠିକ୍ ସମୟରେ ଜାଣି ପାରନ୍ତି ଏବଂ ପାଇଥିବା ଜ୍ଞାନ ଆଧାରରେ ନିଜର ଶିକ୍ଷଣର ଗୁଣକୁ ସୁଧାରି କରିପାରନ୍ତି । ଛୋଟ ସାମୂହିକ ଶିକ୍ଷଣକାର୍ଯ୍ୟ ସହପାଠୀ ମାନଙ୍କ ଦ୍ୱାରା ମୂଲ୍ୟାଙ୍କନ ହେବା ବିଧେୟ । ଏହି କାରଣରୁ ଏହାକୁ ଶିକ୍ଷଣର ଏକ ପ୍ରଭାବକାରୀ ବିଧି ବା ନିୟମର ଅନୌପଚାରିକ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ଅଛି ।
- **ସମୟର ସୁପରିଚାଳନା :**

  ଶ୍ରେଣୀରେ ଗୋଟିଏ ପିରିୟଡ଼ ନିର୍ଦ୍ଧାରିତ ହୋଇଥାଏ । ଶ୍ରେଣୀ ଶିକ୍ଷଣକାର୍ଯ୍ୟ ତିଆରି ସମୟରେ ଏହି କଥାକୁ ଧ୍ୟାନରେ ରଖିବାକୁ ପଡ଼ିବ । ପ୍ରତ୍ୟେକ ଶିକ୍ଷଣକାର୍ଯ୍ୟ ଯାହାର ଆୟୋଜନ ପିରିୟଡ଼ ମଧ୍ୟରେ ହିଁ କରିବା ଉଚିତ୍ ଏବଂ ଏଥିପାଇଁ ଭିନ୍ନ ଭିନ୍ନ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ । ସାଧାରଣତଃ ଶିକ୍ଷଣକାର୍ଯ୍ୟର ପରିଚିତ ପାଇଁ କମ୍ ସମୟ (୫ ରୁ ୧୦ ମିନିଟ୍) ଏବଂ ଶିକ୍ଷଣକାର୍ଯ୍ୟ ସମାପନ ପାଇଁ (୫ ରୁ ୧୦ ମିନିଟ୍)ର ସମୟ ରଖିବା ଉଚିତ୍ । ଯାହାକି ଅଧିକାଂଶ ଶିକ୍ଷଣକାର୍ଯ୍ୟ ଆରମ୍ଭରେ ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷଣକାର୍ଯ୍ୟ ପାଇଁ ନିର୍ଦ୍ଧାରିତ ସମୟବିଧି ଉପରେ ତଥ୍ୟ ଦେବାର ଆବଶ୍ୟକତା ଅଛି । ଗୋଟିଏ ଶିକ୍ଷଣ କାର୍ଯ୍ୟ ଉପରେ ଆଧାରିତ ଶ୍ରେଣୀରେ ୪୦ ରୁ ୫୦ ମିନିଟ୍ର ଏକ ପିରିୟଡ଼ରେ ସଠିକ୍ ରୂପରେ ଶିକ୍ଷଣକାର୍ଯ୍ୟ ଆୟୋଜନ କରିବା ପାଇଁ ସର୍ବଦା ପର୍ଯ୍ୟାପ୍ତ ହୋଇନଥାଏ । ଏଥିପାଇଁ ଶ୍ରେଣୀ ପାଇଁ ସମୟ ସାରଣୀ ନିର୍ମାଣର ସମୟରେ ଶିକ୍ଷଣକାର୍ଯ୍ୟ ପାଇଁ ଅଧିକ ସମୟ (ମଧ୍ୟାହ୍ନ ଭୋଜନ ପୂର୍ବରୁ କିମ୍ବା ଲଗାତାର ୨ ପିରିୟଡ଼ ଏକା ସାଙ୍ଗରେ ପ୍ରସ୍ତାବିତ ହୋଇଥାଏ) ଦିଆଯିବା ଉଚିତ୍ ଏହା ମଧ୍ୟ ଧ୍ୟାନ ରଖିବାକୁ ପଡ଼ିବ ଯେ ପ୍ରତି ସପ୍ତାହ ପାଇଁ ନିର୍ଦ୍ଧାରିତ ସମୟର ଅନୁପାତର କୌଣସି ପ୍ରକାର ବିଘ୍ନ ସୃଷ୍ଟି ନ ହେବା ଉଚିତ୍ ।

### ୪.୩.୩. ଶିକ୍ଷଣକାର୍ଯ୍ୟଭିତ୍ତିକ ପନ୍ଥାର ସୁବିଧା :

ଶିକ୍ଷଣକାର୍ଯ୍ୟର କିଛି ଲାଭକୁ ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

- ଶିକ୍ଷଣ କାର୍ଯ୍ୟ ନିଜ ଅନୁସାରେ ଶିଖିବା ଓ ନିଜର ଶିକ୍ଷାର ପ୍ରାପ୍ତିର ଗତିକୁ ନିର୍ଦ୍ଧାରିତ କରିବା ପାଇଁ କାର୍ଯ୍ୟକ୍ଷେତ୍ର ଉପଲବ୍ଧ କରାଇଥାଏ । କାର୍ଯ୍ୟଭିତ୍ତିକ ଶିକ୍ଷଣ ସମୟରେ ଶିକ୍ଷାର୍ଥୀ ନିଜ ମଧ୍ୟରେ ଲୁକ୍କାୟିତ କ୍ଷମତାକୁ ଖୋଜି ବାହାର କରିଥାଏ । ନିଜ ଜ୍ଞାନର ମୂଲ୍ୟାଙ୍କନ କରିଥାଏ ଏବଂ ନୂଆ ଜ୍ଞାନର ସଂରଚନା କରିଥାଏ । କାର୍ଯ୍ୟଭିତ୍ତିକ ଶିକ୍ଷଣରେ କାର୍ଯ୍ୟ ଏପରି ହୋଇଥାଏ ଯେ ଶିକ୍ଷାର୍ଥୀ ସଂପୂର୍ଣ୍ଣ ଭାବରେ ସଂଲଗ୍ନ



ଟିପ୍ପଣୀ

ହୋଇ ଯାଆନ୍ତି , ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ରୂଚୀ/ଆଗ୍ରହ ସୃଷ୍ଟି କରାଯାଇଥାଏ ଏବଂ ଅଧିକରୁ ଅଧିକ ଜ୍ଞାନାର୍ଜ୍ଜନ ପାଇଁ ପ୍ରେରଣା ପାଇଥାନ୍ତି ।

- ଜାଣିବା ପାଇଁ ଶିଖିବା, କରିବା ପାଇଁ ଶିଖିବା, ସଂଜ୍ଞା ଜାଣିବା ପାଇଁ ଶିଖିବା ଏବଂ ସ୍ୱ-ଅଭିବ୍ୟକ୍ତି ପାଇଁ ଶିଖିବା ଶିକ୍ଷଣର ଏହି ଚାରି ସ୍ତମ୍ଭ ବିଷୟ ଶିକ୍ଷଣକାର୍ଯ୍ୟ ଭିତ୍ତିକ ପନ୍ଥା ମାଧ୍ୟମରେ ଶିଖାଯାଇଥାଏ । ଗୋଟିଏ ଶିକ୍ଷଣକାର୍ଯ୍ୟରେ କିଛି ପରିବର୍ତ୍ତନ କରି ଏହି ମିଶ୍ରିତ ଶ୍ରେଣୀ ଏବଂ ପରିସ୍ଥିତି ମାନଙ୍କର କିଛି ସ୍ତର ଉପରେ ସହଜରେ ଆୟୋଜନ କରାଯାଇପାରେ । ଗୋଟିଏ ଶିକ୍ଷଣକାର୍ଯ୍ୟରେ ଭାଗନେବା ସମୟରେ ଯଦି ଏହା ସମୂହ ମଧ୍ୟରେ ଥାଏ କିମ୍ବା ବ୍ୟକ୍ତିଗତ ରୂପରେ ଥାଏ, ତଥା ସାଙ୍ଗସାଥି ମାନଙ୍କ ସହିତ ଶିଖିବା ପରିସ୍ଥିତିରେ ଜଣେ ଶିକ୍ଷାର୍ଥୀକୁ ବିଭିନ୍ନ ପ୍ରକାରର କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ । ଏଥିପାଇଁ ସେ ନିଜର ତାର୍କିକ କ୍ଷମତା, ବୈଚାରିକ କ୍ଷମତା, ବିକଳ୍ପର ଅନୁସନ୍ଧାନ, ସାମାଜିକ ଭାବରେ ବାଞ୍ଛନୀୟ ଉପାୟରେ ଉତ୍ତର ଦେବା, ଚିନ୍ତନ କ୍ଷମତା ଉପରେ ନିୟନ୍ତ୍ରଣ, ସହଯୋଗୀ କ୍ଷମତାର ମଧ୍ୟ ବ୍ୟବହାର କରିଥାଏ । ତା' ଛଡ଼ା ବିଭିନ୍ନ ପ୍ରକାର ନିୟମର ମଧ୍ୟ ଉପଯୋଗ କରିଥାଏ । ଏଥିପାଇଁ ଶିକ୍ଷଣକାର୍ଯ୍ୟର ଆୟୋଜନ ନିୟମିତ ଭାବରେ ଶ୍ରେଣୀରେ କରିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନାତ୍ମକ, ସାମାଜିକ-ଭାବନାତ୍ମକ ଏବଂ ମାନସିକ ଗୁଣ ଗୁଡ଼ିକର ବିକାଶ ହେବାରେ ସହାୟତା , ମିଳିଥାଏ ଯାହାକି ସମଗ୍ର ବ୍ୟକ୍ତିତ୍ୱ ବିକାଶକୁ ସୁନିଶ୍ଚିତ କରିଥାଏ ।

## ୪.୩.୪. କାର୍ଯ୍ୟଭିତ୍ତିକ ଶିକ୍ଷଣ ଉପରେ ଆଧାରିତ କିଛି ଉସ୍ ଓ ବିଚାର

ଆମେ ଶିକ୍ଷକ କୈନ୍ଦ୍ରିକ ଶିକ୍ଷଣର ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ଏତେ ଅଭ୍ୟାସରେ ପରିଣତ ହୋଇଯାଇଛେ ଯେ ଆମ ମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥା ତଥା ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣକୁ ଅତ୍ୟନ୍ତ ଲାଭପ୍ରଦ ଶିକ୍ଷଣ ଭାବରେ ସ୍ୱୀକାର କରିବା କଠିନ ହୋଇଥାଏ । ଶିକ୍ଷକ ମାନଙ୍କ ଦ୍ୱାରା କରାଯାଇଥିବା ବିଚାର ଉପରେ ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେବାରେ ଚେଷ୍ଟା କର ।

୧. ଗୋଟିଏ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ପ୍ରସ୍ତୁତ କରିବା ଜଣେ ଶିକ୍ଷକଙ୍କ ପାଇଁ କଠିନ ଏବଂ ସମୟ ନଷ୍ଟ କରିବା ଭଳି କାର୍ଯ୍ୟ ହୋଇଥାଏ ।

୨. ଏକ ସ୍ୱତନ୍ତ୍ର ଅବଧାରଣା ଉପରେ ସମ୍ବନ୍ଧିତ ଶିକ୍ଷଣକାର୍ଯ୍ୟ ସଜ୍ଜୀକରଣ କରିବା ଜଣେ ଅନୁଭବି ଶିକ୍ଷକଙ୍କ ପାଇଁ ସହଜ ହୋଇଥାଏ । (Design) ମାତ୍ର ଜଣେ ନୂତନ ଅନୁଭବ ହୀନ ଶିକ୍ଷକଙ୍କ ପାଇଁ କଠିନ ହୋଇଥାଏ ।

   ଏକ ଅବଧାରଣା ତଥା ଅବଧାରଣା ମାନବ ସହିତ ସମ୍ବନ୍ଧିତ କ୍ରିୟାକଳାପ ଆଧାରିତ ଶିକ୍ଷଣର ବିକାଶ ପାଇଁ ଶିକ୍ଷକ ମାନଙ୍କ ଦ୍ୱାରା କିପରି ପ୍ରସ୍ତୁତ କରାଯାଇପାରିବ ବର୍ଣ୍ଣନା କର ।

୩. ଶ୍ରେଣୀ ମଧ୍ୟରେ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ଆୟୋଜନ ଦ୍ୱାରା ସମୟ ଏକ ମହତ୍ତ୍ୱପୂର୍ଣ୍ଣ ସମସ୍ୟା ଭାବରେ ଦେଖା ଦେଇଥାଏ । ସାଧାରଣତଃ ଗୋଟିଏ ପିରିୟଡ୍ ୪୦ ରୁ ୪୫ ମିନିଟ୍ ସମୟ ହୋଇଥାଏ । ଏହି ପିରିୟଡ୍ ସମୟସୀମା ମଧ୍ୟରେ କାର୍ଯ୍ୟ ମାଧ୍ୟମରେ ଶିକ୍ଷାଦେବା କଠିନ ହୋଇଥାଏ । ଏହାଠାରୁ ଅଧିକ

ଟିପ୍ପଣୀ

ପାଠ୍ୟକ୍ରମକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ କରାଯାଇପାରେ ନାହିଁ । ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥାକୁ ଗ୍ରହଣ କରିବା ପାଇଁ ଜଣେ ଶିକ୍ଷକଙ୍କୁ କ'ଣ କରିବା ଉଚିତ୍ ?

୪. ଜଣେ ଶିକ୍ଷକ ପାଇଁ ଗୀତ ଗାଇବା, ନାଚିବା, ଭୂମିକା ତୁଲାଇବା, ଗପ କହିବା, ଚିତ୍ରାଙ୍କନ କରିବା, ବହୁତ କଠିନ ଅଟେ ।

ଏହି ପ୍ରକାର ସମସ୍ୟାର ସମାଧାନ ପାଇଁ କିଛି ଉପାୟ ବାହାର କରିବା ଉଚିତ୍ ।

୫. ଗୋଟିଏ ଶିକ୍ଷଣକାର୍ଯ୍ୟକୁ ଆୟୋଜିତ କରିବା ପାଇଁ ବହୁତ TLM(Teaching Learning Materials) ବା ଶିକ୍ଷଣ ସାମଗ୍ରିର ଆବଶ୍ୟକତା ହୋଇଥାଏ । ଏବଂ TLM ପ୍ରସ୍ତୁତ କରିବା ଏବଂ ଏହାକୁ ଏକତ୍ରିତ କରିବାରେ ବହୁତ ସମୟ ନଷ୍ଟ ହୋଇଥାଏ ।

ଏହିଠାରୁ ବଞ୍ଚିବା ପାଇଁ କିଛି ଉପାୟର ବର୍ଣ୍ଣନା କର । ଏହା ବିଶ୍ୱାସ କରାଯାଇଥାଏ ଯେ ଶିକ୍ଷଣକାର୍ଯ୍ୟଭିତ୍ତିକ ପନ୍ଥା, ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟା ପାଇଁ ଏହା ଏକ ଉତ୍ତମ ଶିକ୍ଷଣ ଅଟେ । ସେହି ଶିକ୍ଷକ ଯିଏ ଶିକ୍ଷକ-କୈନ୍ଦ୍ରିକ ଶିକ୍ଷଣ ସହିତ ପରିଚିତ ଥାନ୍ତି, ତାଙ୍କର ଶିକ୍ଷଣକାର୍ଯ୍ୟଭିତ୍ତିକ ପନ୍ଥାକୁ ନିଜର ଦୃଷ୍ଟିକୋଣ ଦ୍ୱାରା ପରିବର୍ତ୍ତନ କରିବାର ଆବଶ୍ୟକତା ଅଛି । ଯେତେବେଳେ ଶିକ୍ଷକ ଶ୍ରେଣୀ ମଧ୍ୟରେ ନିୟମିତ ଭାବରେ କାର୍ଯ୍ୟ ମାଧ୍ୟମରେ ଶିକ୍ଷାର ଆୟୋଜନ କରିବେ ତାହେଲେ ସେମାନେ ଶିକ୍ଷାର୍ଥୀମାନଙ୍କୁ ଅର୍ଥପୂର୍ଣ୍ଣ ଭାବରେ ଶିଖିବା ପାଇଁ ସୁବିଧା ସୁଯୋଗ ଏବଂ କାର୍ଯ୍ୟସ୍ଥଳ ଉପଲବ୍ଧ କରିବାର ଆବଶ୍ୟକ ବିଶ୍ୱସ୍ଥ ରହିବେ । ସାମୂହିକ ଶିକ୍ଷଣ ଏବଂ ସ୍ୱ-ଶିକ୍ଷଣକୁ ପ୍ରାଥମିକତା ଦେବା ସହିତ ଏହି ଶିକ୍ଷଣ ଶିକ୍ଷାର୍ଥୀ ମାନଙ୍କୁ ଅଧିକ ଉପଯୋଗୀ ଏବଂ ପରୀକ୍ଷାପୂର୍ଣ୍ଣ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଶିକ୍ଷଣର ଗୁଣବତ୍ତା ବୃଦ୍ଧି ହୋଇଥାଏ ।

## ୪.୪.ସାରାଂଶ

- ଶିକ୍ଷାର୍ଥୀ ହେଉଛନ୍ତି ସମସ୍ତ ଶିକ୍ଷଣର କେନ୍ଦ୍ରବିନ୍ଦୁ । ଏହା ଅତ୍ୟନ୍ତ ଆବଶ୍ୟକ ଯେ ଆମେ ଶ୍ରେଣୀ ମଧ୍ୟରେ ଥିବା ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କ ସମ୍ବନ୍ଧରେ ବିସ୍ତୃତ ବିବରଣୀ ରଖିବା ।
- ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷଣକୁ ନିଜର କରିବାକୁ ହେଲେ ଆମକୁ ଶିକ୍ଷାର୍ଥୀ ମାନଙ୍କର ବିଭିନ୍ନ ଦିଗ ଯଥା- ସ୍ୱାସ୍ଥ୍ୟ, ଶାରିରୀକ ବିଭାଗ, ମାନସିକ ଯୋଗ୍ୟତା, ବ୍ୟକ୍ତିତ୍ୱ, ଶିକ୍ଷଣର ଧାରା, ଅଭିପ୍ରେରଣା ତଥା ସାଂସ୍କୃତିକ ପୃଷ୍ଠଭୂମି ସମ୍ବନ୍ଧରେ ଜ୍ଞାନ ରହିବା ଆବଶ୍ୟକ ।
- ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାରେ ଶିକ୍ଷକଙ୍କର ତିନୋଟି ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି :-

(କ) ଶିକ୍ଷାର୍ଥୀଙ୍କର ପର୍ଯ୍ୟବେକ୍ଷକ ଓ ନିଦାନ କର୍ତ୍ତା ।

(ଖ) ଶିକ୍ଷଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ।

(ଗ) ଶିକ୍ଷଣକୁ ସହଜ-ସୁଗମ କରିବା ପାଇଁ ସହାୟକ ।

- ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ମୁଖ୍ୟତଃ :- ଶିକ୍ଷାର୍ଥୀ ମାନଙ୍କ ଶିକ୍ଷଣ ପ୍ରକ୍ରିୟାକୁ ପ୍ରାଥମିକତା ଦେବା ସହିତ ଶିକ୍ଷଣ ପ୍ରକ୍ରିୟା ଉପରେ ଧ୍ୟାନ କୈନ୍ଦ୍ରିତ କରିଥାଏ । ଏହା ପର୍ଯ୍ୟାୟକ୍ରମିକ ଭାବରେ ଶିକ୍ଷାର୍ଥୀ କୈନ୍ଦ୍ରୀତ ହୋଇଥାଏ ମାତ୍ର ଶ୍ରେଣୀ ମଧ୍ୟରେ ଶିକ୍ଷକଙ୍କୁ ମଧ୍ୟ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରାଯାଇଥାଏ ।



ଟିପ୍ପଣୀ

- ସହଯୋଗୀ ଶିକ୍ଷଣ ଗୋଟିଏ ବିଶିଷ୍ଟ କ୍ଷୁଦ୍ର ସାମୂହିକ ଶିକ୍ଷଣ ଯାହାକି ଗଣତାନ୍ତ୍ରିକ ପ୍ରକ୍ରିୟା, ବ୍ୟକ୍ତିଗତ ଦାୟୀତ୍ୱ, ସମାନ ସୁଯୋଗ ଏବଂ ସମୂହ ପୁରସ୍କାରକୁ ସାମିଲ୍ କରିଥାଏ । ସହଯୋଗି ଶିକ୍ଷଣର ତିନୋଟି ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶାତ୍ମକ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରଚେଷ୍ଟା କରିଥାଏ ।
- ସହଭାଗୀ ଶିକ୍ଷଣ ପ୍ରକ୍ରିୟା ଏପରି ଏକ ପ୍ରକ୍ରିୟା ଯେଉଁଥିରେ ବିଦ୍ୟାର୍ଥୀ ଏବଂ ଶିକ୍ଷକ ଦୁଇଜଣ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସମସ୍ୟାର ଅନ୍ୱେଷଣ କରନ୍ତି କିମ୍ବା ଗୋଟିଏ ଅର୍ଥପୂର୍ଣ୍ଣ ପ୍ରୋଜେକ୍ଟ ପ୍ରସ୍ତୁତ କରନ୍ତି । ସହଭାଗୀ ଶିକ୍ଷଣ ନିୟମଗୁଡ଼ିକ ପରିବେଶ ସହିତ ସମ୍ବନ୍ଧିତ ଅଟନ୍ତି । ଯେଉଁଠାରେ ଶିକ୍ଷାର୍ଥୀ ଗୋଟିଏ ଅଭ୍ୟାସନିଷ୍ଠ କାର୍ଯ୍ୟରେ ସଂଲଗ୍ନ ରହିଥାଏ ଏବଂ ଏହିଠାରେ ପ୍ରତ୍ୟେକ ବିଦ୍ୟାର୍ଥୀ ଜଣେ ଅନ୍ୟ ଜଣକୁ ଅନ୍ୱେଷଣ କରିବା ସହିତ ଉଭୟ ଉଭୟଙ୍କ ପ୍ରତି ଉତ୍ତରଦାୟୀ ରହିଥାନ୍ତି ।
- ଶିକ୍ଷଣ କାର୍ଯ୍ୟଭିତ୍ତିକ ପନ୍ଥା ଲକ୍ଷ୍ୟଭିତ୍ତିକ ହୋଇଥାଏ ଯେଉଁଥିରେ ଶିକ୍ଷାର୍ଥୀ ସ୍ୱତଃପ୍ରବୃତ୍ତ ହୋଇ ନିମଗ୍ନ ରହିଥାଏ ଏବଂ ଶିକ୍ଷଣ ଉଦ୍ଦେଶ୍ୟକୁ ଲାଭ କରିବା ପରେ ତାକୁ ଆନନ୍ଦ ଅନୁଭୂତ ହୋଇଥାଏ । ଗୋଟିଏ କ୍ରିୟାକଳାପର ଚାରୋଟି ମୁଖ୍ୟ ଉପାଦାନ ରହିଥାଏ ଯଥା- ପରୀକ୍ଷା, ଲକ୍ଷ୍ୟ, ସ୍ୱତଃପ୍ରବୃତ୍ତ ଅର୍ନ୍ତଭୁକ୍ତତା, ଏବଂ ଆନନ୍ଦ ।
- ଯଦି ଶ୍ରେଣୀ ମଧ୍ୟରେ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାକୁ ସଠିକ୍ ଢ଼ଙ୍ଗରେ ସଞ୍ଚାଳନ କରାଯାଏ ତେବେ ଏହାର ବହୁତ ଲାଭ ହୁଏ । ଏହାଦ୍ୱାରା ବିଦ୍ୟାର୍ଥୀ ମାନଙ୍କୁ ପ୍ରାସଙ୍ଗିକତା, ବିଷୟଭତ୍ତିଭିକ ଏବଂ ଅର୍ଥପୂର୍ଣ୍ଣ ଭାବରେ ଶିକ୍ଷଣର ସୁବିଧା ମିଳେ ।

## ୪.୫. ବ୍ୟକ୍ତିଗତ ପ୍ରଗତି ପାଇଁ ଆଦର୍ଶ ଉତ୍ତର :-

**E-୧-ନିମ୍ନଲିଖିତ ମଧ୍ୟରୁ ଯେକୌଣସି ତିନୋଟି**

- ଶିକ୍ଷକ ଅଧିକ ସକ୍ରିୟ
- ଶିକ୍ଷାର୍ଥୀ ଅଧିକ ସକ୍ରିୟ
- ଶ୍ରେଣୀ ମଧ୍ୟରେ ଶିକ୍ଷକଙ୍କ ନିର୍ଦ୍ଦେଶିତ ଅନୁଶାସନ
- ଶିକ୍ଷକ କ'ଣ କରୁଛନ୍ତି ଏଥିରେ ଶିକ୍ଷାର୍ଥୀ ମାନଙ୍କର କମ୍ ଆଗ୍ରହ ।

E-୨-(ଖ), (ଗ) ଏବଂ (ଙ)

E-୩-(କ) ଶିକ୍ଷାର୍ଥୀ ସମସ୍ତ ଶୈକ୍ଷିଣିକ ଅଭ୍ୟାସର କେନ୍ଦ୍ରବିନ୍ଦୁ ଅଟେ ।

(ଖ) ଶିକ୍ଷାର୍ଥୀ ମାନଙ୍କର ବିଭିନ୍ନ ଗୁଣ, କ୍ଷମତା ସମ୍ବନ୍ଧରେ ଧାରଣା ରଖିବା ଦ୍ୱାରା ଶିକ୍ଷଣ ସଠିକ୍ ଉପାୟରେ ସମ୍ପାଦିତ ହୋଇଥାଏ ।

ଟିପ୍ପଣୀ

**E-୪**-(କ) ବହୁମୁଖୀ ଶିକ୍ଷଣ ପ୍ରକ୍ରିୟାରେ ସୂଚନା ଏବଂ କଳ୍ପନାର ବ୍ୟବହାର ବହୁମୁଖୀ ସମସ୍ୟା ସମାଧାନ ଦ୍ୱାରା କରାଯାଇଥାଏ । ଯାହାକି ଏକାଭିମୁଖୀ ଶିକ୍ଷଣ ପ୍ରକ୍ରିୟାରେ ବ୍ୟବହାରିକ ଜ୍ଞାନର ବ୍ୟବହାର କରି ସମସ୍ୟା ସମାଧାନ ମଧ୍ୟରେ କରାଯାଇଥାଏ ।

(ଖ) ଯେଉଁମାନେ ବହୁମୁଖୀ ଶିକ୍ଷଣ ପ୍ରକ୍ରିୟା ଦ୍ୱାରା ଶିକ୍ଷଣ ଗ୍ରହଣ କରିଥାନ୍ତି ସେମାନେ ବସ୍ତୁମାନଙ୍କୁ ବିଭିନ୍ନ ଦୃଷ୍ଟିକୋଣ ଦ୍ୱାରା ଦେଖିଥାନ୍ତି ମାତ୍ର ଏକାଭିମୁଖୀ ଶିକ୍ଷକ ସକ୍ରିୟକୁ ଗ୍ରହଣ କରୁଥିବା ଶିକ୍ଷାର୍ଥୀ ବ୍ୟବହାରିକ ମୂଲ୍ୟ ଉପରେ ଅଧିକ ଧ୍ୟାନ କୈନ୍ଦ୍ରିତ କରିଥାନ୍ତି ।

- ଶିକ୍ଷକ

**E-୫**-(କ) ଶିକ୍ଷାର୍ଥୀଙ୍କର ପର୍ଯ୍ୟବେକ୍ଷକ ଏବଂ ନିଦାନକର୍ତ୍ତା

(ଖ) ଶିକ୍ଷଣ ପାଇଁ ପରିବେଶ ସୃଷ୍ଟି କରିବା ।

(ଗ) ଶିକ୍ଷଣର ସହାୟକ ।

**E-୬**-(କ) ଅନୁଭୂତି ଗ୍ରହଣ

(ଖ) ଅନୁଭୂତି ରୂପାନ୍ତରଣ

**E-୭**- (କ) ପାରସ୍ପରିକ ଅନ୍ତଃକ୍ରିୟା ଦ୍ୱାରା ଜ୍ଞାନ ନିର୍ଦ୍ଧାରଣ କରିବା ।

(ଖ) ବୈକଳ୍ପିକ ମୂଲ୍ୟ ଦ୍ୱାରା ସ୍ଥାନ, କାଳ, ପାତ୍ର ଅନୁଯାୟୀ ଅର୍ଥ ନିର୍ଦ୍ଧାରଣ

**E-୮**- Weimer ଙ୍କ ପାଞ୍ଚଟି ଅଭ୍ୟାସ ମଧ୍ୟରେ ଯେକୌଣସି ତିନୋଟି ।

**E-୯**- ସମୂହରେ ପରସ୍ପର ସହଯୋଗ ଏବଂ ସକରାତ୍ମକ ଦୃଷ୍ଟିକୋଣ ଦ୍ୱାରା ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥାଏ । ଅନ୍ୟ ଜଣଙ୍କ ସହିତ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷଣ ହୋଇନଥାଏ ।

**E-୧୦**-ଯେକୌଣସି ଦୁଇଟି ପାର୍ଥ୍ୟକ ଦର୍ଶାଅ ।

**E-୧**- ଧ୍ୟାନ, ପରୀକ୍ଷା, ସ୍ୱତଃସ୍ଫୂର୍ତ୍ତ ଅନ୍ତର୍ଭୁକ୍ତତା ଏବଂ ଆନନ୍ଦଦାୟକ ।

**E-୧୨**-ଘୋଷା ପଦ୍ଧତି, ଆବୃତ୍ତି କରିବାର ଏକ ଯେନତେନ ପ୍ରକ୍ରିୟା ଅଟେ । ଯେଉଁଥିରେ କ୍ରିୟାକଳାପ ଶିକ୍ଷଣ ପ୍ରକ୍ରିୟାର ୪ଟି ମଧ୍ୟରେ କେଉଁ ଗୋଟିଏ ମଧ୍ୟ ସାମିଲ୍ ହୋଇନାହିଁ ।

## ୪.୬. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


1. Brown.H. and Ciceffetelli.D.C.(Eds.) 2009. Foundational Methods: Understanding teaching and learning. Toronto: Person Education.
2. Cooper. James M. Classroom teaching skills. Boston. New York: Houghton Mifftin Company.
3. IGNOU (2000)- Learning Mathematics : Encouraging Learning in the class-room (LMT-01) New Delhi :- School of Science. IGNOU.
4. Weimer.M. (2002) Learner-centered teaching. San francisco : Jossey-Bass.


## ୪.୭. ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ଏବଂ ଶିକ୍ଷଣ କୈନ୍ଦ୍ରିକ ପନ୍ଥା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

୨. ସହଭାଗୀ ଶିକ୍ଷଣର ବିଶେଷତ୍ୱ ବର୍ଣ୍ଣନା କର । ଏହାକୁ ଶିକ୍ଷଣ-କୈନ୍ଦ୍ରିକ ପନ୍ଥା ବୋଲି କାହିଁକି ବୁଝାଯାଏ ?

୩. ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମର ବିଭିନ୍ନ ବିଷୟମାନଙ୍କରୁ ସଠିକ୍ ଉଦାହରଣ ପ୍ରସ୍ତୁତ କରି ଗୋଟିଏ ଶିକ୍ଷଣକାର୍ଯ୍ୟର ବିଶେଷତ୍ୱ ବାଖ୍ୟା କର । ଏହି ଶିକ୍ଷଣର ସୁବିଧା ଓ ଅସୁବିଧା /ସୀମିତତା ବର୍ଣ୍ଣନା କର ?

୪. ଶ୍ରେଣୀ ମଧ୍ୟରେ କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟାର ବିଭିନ୍ନ ସୂଚକ ମାନଙ୍କୁ ବର୍ଣ୍ଣନା କର ।